## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଈଶା
ପରିବାରବର୍ଗ


ଶୁଜି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified

real estate

## SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65238

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

**Prime land on Puri Konark Marine drive on NH 2800 sqft. Cost 35 lakhs (Negotiable). Contact: 9778579645.** D-10303

For sale Paradeep town 11000 sqft. gharabari plot with boundarywall in residential area. Contact M: 9938219434. D-10255

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65301

astrology

ପଣ୍ଡିତ ଶ୍ରୀ ରାଜକିଶୋର ଷଡ଼ଙ୍ଗୀ ଲୀଳାବତୀସୂତ୍ର, ପ୍ରତ୍ୟଙ୍ଗିରାତନ୍ତ୍ର ବିଭିନ୍ନ ସମସ୍ୟାର ପ୍ରତିକାର। 9937924141, 9437405379. D-60934

ଘରେ ବସି ୩ ଘଣ୍ଟାରେ ତୁଫାନୀ କଳା ଇଲାମର ଚମତ୍କାର ପାଆନ୍ତୁ ସ୍ପେଶାଲିଷ୍ଟ ଆୟତିକରଣ, ପ୍ରେମବିବାହ, ଶତ୍ରୁମୁକ୍ତି, ଗଡାଧନ ପ୍ରାପ୍ତି, ଲଟେରି ନମ୍ବର ଗ୍ୟାରେଣ୍ଟି। 9521878410. D-10341

Now Matrimonial ads. only on Wednesday & Sunday
Book 1 Get 1 FREE

## AFFIDAVIT

By virtue of affidavit before Notary Public, Bhubaneswar, I Seema Bali changing my name to Gauri Hans. Henceforth I shall be known as Gauri Hans for all purpose. D-62147

By virtue of an affidavit before Notary, Bhubaneswar, I, Sayed Azad, 40 years, S/o. Sayed Mohammed Yahya, R/o. Nayasahi, PO-Danagohir, Pipili, Dist. Puri hereby declare that my name was wrongly mentioned in Aadhaar Card No: 934557271984 as 'Sayed Mohammed Akhtar Jamal' instead of 'Sayed Azad' and has now been corrected. D-64678


## ଆଜିଠୁ ପକ୍ଷୀ ...

ଡଲଫିନ୍ ଗଣନା ହେବ। ସେହିପରି ଅଲିଭ୍ ରିଡ୍‌ଲେ ସୁରକ୍ଷା ପାଇଁ ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ସୁଦ୍ଧା ପାଖାପାଖି ୪୫ଟି ବେଆଇନ ବୋଟ୍ ଜବତ କରାଯିବା ସହିତ ୪୦୦ରୁ ଊର୍ଦ୍ଧ୍ୱ ଆଇନ ଉଲ୍ଲଂଘନକାରୀଙ୍କୁ ଗିରଫ କରାଯାଇଥିବା ପିସିସିଏଫ୍(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସନ୍ଦୀପ ତ୍ରିପାଠୀ କହିଛନ୍ତି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଶ୍ରଦ୍ଧାଞ୍ଜଳି



✓ ଶଶାମଣି ବେଉରା
ମଞ୍ଚେଶ୍ୱର, ଭୁବନେଶ୍ୱର
ଆବିର୍ଭାବ - ୧୯.୦୬.୧୯୫୯
ତିରୋଧାନ - ୧୫.୧୨.୨୦୧୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ : ତୁମର ହତଭାଗ୍ୟ ସ୍ୱାମୀ- ସୂର୍ଯ୍ୟମଣୀ ବେଉରା, ପୁଅ, ଝିଅ, ଜ୍ୱାଇଁ, ନାତିନାତୁଣି, ବନ୍ଧୁ ଓ ପରିବାର ବର୍ଗ
ଧ-୬୫୨୮୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଶଶାଙ୍କ ଶେଖର ସାମନ୍ତ
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ, ଓଡ଼ିଶା
ଆବିର୍ଭାବ: ୩୦.୦୫.୧୯୪୨
ତିରୋଧାନ: ୧୫.୧୨.୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୬୪୫୫୯



ପ୍ରିୟାଂଶୁ ମିଶ୍ର
ଆବିର୍ଭାବ : ୨୨.୦୨.୨୦୦୨
ତିରୋଧାନ : ୨୫.୧୨.୨୦୧୮
ଚକ୍ରତୀର୍ଥ ରୋଡ଼, ପୁରୀ
ଆମେ ତୋ ପାଇଁ ଆକାଶର ତାରା ହେବା ପୂର୍ବରୁ, ତୁ ଏବେ ହୋଇଗଲୁ ଆକାଶର ତାରା। ଭାଙ୍ଗିଯାଇଛି ସ୍ୱପ୍ନ। ଧୂଳିସାତ ହୋଇଯାଇଛି ଆଶା ଓ ବିଶ୍ୱାସ। ତୁ ଯେଉଁଠି ଥା', ଭଲରେ ଥାଆ। ଭଗବାନ ତୋର ଅମର ଆତ୍ମାକୁ ଅମ୍ଳାନ ରଖନ୍ତୁ।
ତୋର ହତଭାଗ୍ୟ :
ପାପା-ମମି, ବାପା-ବୋଉ
ପରିବାର ଓ ସାଇ ଇଣ୍ଟର ନ୍ୟାସ୍‌ନାଲ୍ ସ୍କୁଲର ସାଙ୍ଗସାଥି
ଧ-୧୬୦୩୧

### ଏକାଦଶାହ ଉପଲକ୍ଷେ



✓ଯୁଗଳ କିଶୋର ଦାସ
ଦଣ୍ଡତୋଟା, ପୁରୀ
ଆବିର୍ଭାବ-୧୦.୧୦.୧୯୩୧
ତିରୋଧାନ-୨୪.୧୨.୨୦୧୮
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା, ଆପଣଙ୍କ ଦ୍ୱାରା ଲବ୍ଧ ହୋଇଥିବା ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଶିକ୍ଷା, ଆଦର୍ଶ ଓ ସରଳ ଜୀବନ ଯାପନ ନିତି ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଶୋକସନ୍ତପ୍ତ: ପରିବାର ବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୫୩୧୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ବ୍ରିଟ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶ୍ରଦ୍ଧାଞ୍ଜଳି ସହ: ଧର୍ମପତ୍ନୀ- ସାବିତ୍ରୀ, ପୁତ୍ର- ବୁବୁ ଓ ଟୁବୁ, ପୁତ୍ରବଧୂ- ଏଲି ଓ ରୂପାଲୀ, ପୁତ୍ରୀ- ମାମି, ଟମି, ନିନି, ମନି ଓ ନମି, ଜାମାତା- ଟୁଟୁ, କୁନା, କୁକା, ଲିକି ଓ ବପୁନ ଏବଂ ନାତି-ନାତୁଣୀମାନେ।
ଧ-୧୦୩୪୦

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**



### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ସୁଇଟ)
ଅର୍ପି ଆଦ୍ୟାସା
ଆଜି ତୋର ପ୍ରଥମବର୍ଷ ଜନ୍ମଦିନ, ଆଗକୁ ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବାବା, ମା, ବଡ଼ବାପା, ବଡ଼ମାମା, ପାପା, ମାମା, ତିତିଲ, ଲିଟିଲ୍, ସୋନାଲି, ସୋନୁ, ବନ୍ଧୁ ଓ ପରିବାରବର୍ଗ। ଧ-୧୪୫୬୩

### ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



ଇଭାଂଶୀ (ଈଶା)
ଗଙ୍ଗାମାତା ବଗିଚା, ପୁରୀ
ଆଜି ପବିତ୍ର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣା ତୋ ଉପରେ ରହୁ ଓ ତୋତେ ଦୀର୍ଘାୟୁ, ଯଶସ୍ୱୀ, ବିଦୂଷୀ ଓ ଭଲ ମଣିଷରେ ପରିଣତ କରନ୍ତୁ। ଶୁଭେଚ୍ଛା ସହ: ବାବା, ବୋଉ, ପାପା, ମାମା, ଜେଜେବାପା, ଜେଜେମା, ଅଜା, ଆଈ, ମଉସା, ମାଉସୀ, ପିଉସା, ନାନୀ, ମାମୁ, ମାଇଁ ଓ ସମସ୍ତ ଶୁଭାକାଂକ୍ଷୀ। ଧ-୬୪୦୨୭



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



### ଆଡ୍‌ଭୋକେଟ ଗୀତାଞ୍ଜଳୀ ବସ୍ତିଆଙ୍କ ଆଇନରେ ପିଏଚ୍.ଡି. ଲାଭ



ଆଇନଜୀବୀ **ଗୀତାଞ୍ଜଳି ବସ୍ତିଆ** ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆଇନରେ ଅବସରପ୍ରାପ୍ତ ପ୍ରଫେସର (ଡକ୍ଟର) ପୂର୍ଣ୍ଣଚନ୍ଦ୍ର ପତି, ମଧୁସୂଦନ ଆଇନ ମହାବିଦ୍ୟାଳୟ, କଟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ପୂର୍ବତନ ପ୍ରଫେସର ନିରଞ୍ଜନ ପାଣି, ଲୋକ ପ୍ରଶାସନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ (Co-Guide)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଏଚ୍.ଡ଼ି. ଡିଗ୍ରୀ ଲାଭ କରିଛନ୍ତି। ତାଙ୍କର ସନ୍ଦର୍ଭ **"Alternate System of Adjudication of Service Disputes: A Study of State Administrative Tribunal in Orissa"**, ପୂର୍ବତନ ପ୍ରଫେସର **(Dr.) R.C. Borpatra Gohain,** ଆଇନ ବିଭାଗ, ଗୌହାଟୀ ବିଶ୍ୱବିଦ୍ୟାଳୟ ଓ ବର୍ତ୍ତମାନର Advocate General, Assam ଏବଂ ପ୍ରଫେସର ଏସ୍.ଆର୍. ତ୍ରିପାଠୀ, ସ୍କୁଲ ଅଫ୍ ଲ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ଡ. ଗୀତାଞ୍ଜଳି ବସ୍ତିଆ, ଗୋପିନାଥପଡ଼ା ଗ୍ରାମ, ଆଠଗଡ଼, କଟକ ଜିଲ୍ଲା ନିବାସୀ ସ୍ୱର୍ଗତ ଗଙ୍ଗାଧର ବସ୍ତିଆ, ପୂର୍ବତନ ସହକାରୀ ପ୍ରଧାନ ଶିକ୍ଷକ, ଉତ୍କଳ ୟୁନିଭରସିଟି ହାଇସ୍କୁଲ, ବାଣୀବିହାର ଓ ପ୍ରଧାନ ଶିକ୍ଷକ ନହରକଣ୍ଟା ଉଚ୍ଚ ବିଦ୍ୟାଳୟ, ନହରକଣ୍ଟା, ପୂର୍ବତନ ରାଜ୍ୟ ସଭାପତି ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ଓଡ଼ିଶା ଶାଖା ଓ ସ୍ୱର୍ଗତା କମଳା ବସ୍ତିଆଙ୍କର କନ୍ୟା। ଅଧୁନା ସେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଓ ରାଜ୍ୟ ବିଜୁ ଜନତା ଦଳ ମହିଳା ମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟରତ। ଧ-୧୦୩୪୩

### ଜନ୍ମଦିନ ଶୁଭେଚ୍ଛା



(Suji)
**Gayatri Moharana**
**Balipahad, Cuttack**
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଏବଂ ଖୁସିରେ ରଖନ୍ତୁ। ତୋର ଚଲାପଥ କୁସୁମିତ ହେଉ ଏତିକି ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ବୋଉ, ନାନା, ଜିଜୁ, ଭାଇ, ଫନ, ସିଲା, ପ୍ରିୟବ୍ରତ, ପ୍ରକାଶ ଓ ସାଙ୍ଗମାନେ, ପରିବାରବର୍ଗ। ଧ-୧୦୨୫୨


ପ୍ରଥମ ପୃଷ୍ଠାରୁ...

## ଆଣ୍ଡାମାନ ଉପକୂଳରେ...

ତେବେ ଲଘୁଚାପ ଯୋଗୁ ଜଳୀୟ ଅଂଶ ରାଜ୍ୟ ଭିତରକୁ ପ୍ରବେଶ କରିବ। ଏଥିଯୋଗୁ ପାଗ ମେଘୁଆ ରହିବା ସହ ସର୍ବନିମ୍ନ ତାପମାତ୍ରାରେ ବୃଦ୍ଧି ଘଟିବ। ତେବେ ୯ ତାରିଖ ବେଳକୁ ପାରଦ ପୁଣି ତଳମୁହାଁ ହେବ।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୪.୫ ଡିଗ୍ରୀ ସେଲସିୟସ ତଳକୁ ଖସିଯାଇଛି। ସେହିପରି ଦାରିଙ୍ଗବାଡିରେ ୫ ଡିଗ୍ରୀ, ବାଲେଶ୍ୱର ୯.୩, ଭୁବନେଶ୍ୱର ୯.୮, ଅନୁଗୋଳ ୭.୬, ବାରିପଦା ୯.୪, ଝାରସୁଗୁଡା ୮.୬, ସୁନ୍ଦରଗଡ ୮, ହୀରାକୁଦ ୯.୫, ତାଳଚେର ୯.୩, ଭବାନୀପାଟଣା ୭.୫, ବଲାଙ୍ଗୀର ୮.୭, କୋରାପୁଟ ୮.୨, ଟିଟିଲାଗଡ ୮ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୬.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଶୀତର ପ୍ରକୋପ ହ୍ରାସ ପାଇବ। ପାରଦ ୨ରୁ ୪ ଡିଗ୍ରୀ ଉପରକୁ ଉଠିବ ବୋଲି ଅନୁମାନ କରାଯାଇଛି।

## ୨୬ ଏମ୍‌ପି ନିଲମ୍ବିତ

ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶର ଶାସକ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏମ୍‌ପିମାନେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦାବିରେ ଗୃହରେ ହଟ୍ଟଗୋଳ କରିଥିଲେ। ରାଫାଲ ଚୁକ୍ତିକୁ ନେଇ ଗୃହରେ ଆଲୋଚନା କରାଯିବାକୁ ଥିବାବେଳେ ଉଭୟ ଦଳର ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ୍ ନିକଟରେ ଏକତ୍ରିତ ହୋଇ ସ୍ଲୋଗାନ ଦେଇଥିଲେ। କିଛି ସମୟ ମଧ୍ୟରେ ବିକ୍ଷୋଭରତ ସଦସ୍ୟମାନେ କାଗଜ ଚିରି ବାଚସ୍ପତିଙ୍କ ଆସନ ଆଡ଼କୁ ଫିଙ୍ଗିଥିଲେ। ଏହାକୁ ନେଇ ବାଚସ୍ପତି ସେମାନଙ୍କୁ ଚେତାବନୀ ଦେଇଥିଲେ ହେଁ ସଦସ୍ୟମାନେ ତାଙ୍କ କଥା ଶୁଣି ନ ଥିଲେ। ଫଳରେ ଗୃହକାର୍ଯ୍ୟରେ ବାଧାସୃଷ୍ଟି କରୁଥିବା ସଦସ୍ୟମାନଙ୍କ ନାମ ବାଚସ୍ପତି ପଢ଼ିବାରେ ଲାଗିଲେ। ଏହାସହ ସେମାନଙ୍କୁ କ୍ରମାଗତ ୫ ଦିନ ଧରି ଗୃହରୁ ନିଲମ୍ବନ କରାଯାଉଛି ବୋଲି ସେ ଘୋଷଣା କରିଥିଲେ। ଏଥିସହିତ ବାଚସ୍ପତି ଗୃହକୁ ଦିନକ ପାଇଁ ସ୍ଥଗିତ ଘୋଷଣା କରିଥିଲେ। ପରେ ନିଲମ୍ବିତ ଏଆଇଏଡିଏମ୍‌କେ ସଦସ୍ୟମାନେ ପାର୍ଲାମେଣ୍ଟ ପରିସରରେ ଏକ ଶୋଭାଯାତ୍ରା କରି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଉପବାଚସ୍ପତି ଏମ୍. ଥାମ୍ବିଦୁରାଇ (ଏଆଇଏଡିଏମ୍‌କେ ସଦସ୍ୟ) କହିଛନ୍ତି, ତାଙ୍କ ଦଳର ସଦସ୍ୟମାନେ ବାଚସ୍ପତିଙ୍କୁ ସମାଲୋଚନା କରିନାହାନ୍ତି। ଏନ୍‌ଡିଏ ସରକାର ତାମିଲନାଡୁ ପାଇଁ କିଛି କରି ନ ଥିବାରୁ ସେମାନେ କେନ୍ଦ୍ର ବିରୋଧରେ ସ୍ଲୋଗାନ ଦେଉଥିଲେ।

## ବିଦ୍ୟୁତ୍ ଫାଶରେ ପଡ଼ି ...

ସେମାନଙ୍କ ମଧ୍ୟରୁ କେବଳ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ସଂଖ୍ୟା ହେଉଛି ୧୮। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୨୦୧୮ ଜାନୁୟାରୀରୁ ବର୍ତ୍ତମାନ ସୁଦ୍ଧା ୧୫ ହାତୀଙ୍କ ଜୀବନ ଗଲାଣି। ସେଥିରୁ ବିଦ୍ୟୁତ୍ ଆଘାତରେ ମରିଛନ୍ତି ୧୦। ଗତ ଅକ୍ଟୋବର ୨୭ରେ ଢେଙ୍କାନାଳ ସଦର ବନାଞ୍ଚଳ କମଳାଙ୍ଗ ଗ୍ରାମ ନିକଟରେ ବେସରକାରୀ ନିର୍ମାଣକାରୀ ସଂସ୍ଥାକୁ ଟଣାଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ମୃତ୍ୟୁ ଘଟିଥିଲା। ଏଥିପୂର୍ବରୁ ୨୦୧୮ ଜୁନ୍ ୪ରେ ସଦର ରେଞ୍ଜ ଇଚ୍ଛାପୁରରେ ଗୋଟିଏ ମାଈ ହାତୀ ଏବଂ ଅଗଷ୍ଟ ୩୧ରେ ହିନ୍ଦୋଳ ରେଞ୍ଜ ଝାରବେଡ଼ାରେ ଏକ ବୟସ୍କ ଦନ୍ତାହାତୀ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିଲେ। ନୂତନ ବର୍ଷ ଆରମ୍ଭରୁ ପୁଣି ଥରେ ହାତୀମୃତ୍ୟୁ ପରିବେଶବିତ୍‌ଙ୍କୁ ମର୍ମାହତ କରିଛି।

## ସାବରିମାଲା ମନ୍ଦିରରେ ...

ମହିଳା ଯେଉଁମାନେ ବୁଧବାର ଭୋର ୩ଟା ୩୮ ମିନିଟ ସମୟରେ ମନ୍ଦିରରେ ପ୍ରବେଶ କରିଛନ୍ତି। ମନ୍ଦିରରେ ଦର୍ଶନ କରିସାରିବା ପରେ ପୋଲିସ ସେମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏକ ଅଜ୍ଞାତ ସ୍ଥାନକୁ ନେଇଯାଇଥିଲା। ଏହା ଜଣାପଡିବା ପରେ ମନ୍ଦିର କର୍ତ୍ତୃପକ୍ଷ ଓ ମୁଖ୍ୟ ପୂଜକ ଭକ୍ତମାନଙ୍କୁ ବାହାର କରି ମନ୍ଦିର ଶୋଧ କରିଥିଲେ। ମହିଳାଙ୍କ ପ୍ରବେଶ ଖବର ପ୍ରଚାରିତ ହୋଇଯିବା ପରେ ବିଭିନ୍ନ ସ୍ଥାନରେ ବିକ୍ଷୋଭ, ରାସ୍ତାରୋକୋ କରାଯାଇଥିଲା। ସାବରିମାଲା କର୍ମ ସମିତି ପକ୍ଷରୁ ଗୁରୁବାର ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଛି।

ଅନ୍ୟପକ୍ଷରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଉଭୟ କଂଗ୍ରେସ ଏବଂ ଭାଜପା ସିପିଏମ୍ ନେତୃତ୍ୱାଧୀନ ଏଲଡିଏଫ ସରକାର ଏବଂ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କୁ କଡା ସମାଲୋଚନା କରିଛନ୍ତି। ମହିଳାଙ୍କ ପ୍ରବେଶ ଯୋଗୁ ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗିଛି ବୋଲି ବିରୋଧୀ ଦଳ ନେତା ରମେଶ ଚେନ୍ନିଥାଲା କହିଛନ୍ତି। ମନ୍ଦିରରେ ପ୍ରବେଶ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପୋଲିସ ଉକ୍ତ ମହିଳାଙ୍କୁ ସୁରକ୍ଷା ଦେଇଥିବା ଚେନ୍ନିଥାଲା ଅଭିଯୋଗ କରିଛନ୍ତି। କେରଳ ସରକାର ଭଗବାନ ଆୟାପ୍ପାଙ୍କ କୋପର ଶିକାର ହେବେ ବୋଲି ଭାଜପା ରାଜ୍ୟ ସଭାପତି ପି.ଏସ. ଶ୍ରୀଧରନ୍ ପିଲାଇ କହିଛନ୍ତି। ଲିଙ୍ଗଗତ ସମାନତା ଦାବିରେ ମଙ୍ଗଳବାର ୩୫ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା କେରଳରେ ୬୨୦ କିଲୋମିଟର ଦୀର୍ଘ ମାନବ ପ୍ରାଚୀର କରିଥିଲେ।

## ଲୋକ ସଭାରେ ...

ଯାହା ମିଛ ବୋଲି ସେ ଜାଣିଛନ୍ତି। ଏହି ବ୍ୟକ୍ତି ବାରମ୍ବାର ମିଛ କହୁଛନ୍ତି ବୋଲି ଜେଟ୍‌ଲୀ ଅଭିଯୋଗ ଆଣିଥିଲେ। ରାଫାଲ ଚୁକ୍ତିକୁ ନେଇ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କଂଗ୍ରେସ ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବି କରୁଥିବାବେଳେ ଏହି ପ୍ରସଙ୍ଗରେ ଗୃହରେ ଏଭଳି ହାଇଡ୍ରାମା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଜେପିସି ତଦନ୍ତ ଦାବିକୁ ସରକାର ପ୍ରତ୍ୟାଖ୍ୟାନ କରିଦେଇଥିଲେ। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ସନ୍ତୋଷ ବ୍ୟକ୍ତ କରିବା ପରେ ଜେପିସି ତଦନ୍ତ ଅନାବଶ୍ୟକ ବୋଲି ଜେଟ୍‌ଲୀ କହିଥିଲେ। ଏହାକୁ ନେଇ କଂଗ୍ରେସ ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ କାଗଜରେ ରକେଟ୍ ତିଆରି କରି ବାଚସ୍ପତିଙ୍କ ଆସନ ଆଡ଼କୁ ଫିଙ୍ଗିଥିଲେ। ବାଚସ୍ପତି ସୁମିତ୍ରା ମହାଜନ ଏଥିରେ ବିରକ୍ତିଭାବ ପ୍ରକାଶ କରି 'ଆପଣମାନେ ଏବେ ବି ଛୋଟପିଲା କି' ବୋଲି ପ୍ରଶ୍ନ କରିଥିଲେ। ଏଥିରେ ଜେଟ୍‌ଲୀ କହିଥିଲେ, କଂଗ୍ରେସ ସଦସ୍ୟମାନେ ସମ୍ଭବତଃ ରାଫାଲ ସହ ଯୁଦ୍ଧବିମାନ ଯୋଗାଣ ଦୌଡ଼ରେ ଥିବା ୟୁରୋ ଫାଇଟର୍ କଥା ମନେପକାଇ କାଗଜରକେଟ୍ ଫିଙ୍ଗୁଛନ୍ତି। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ରାହୁଲଙ୍କୁ ଉକ୍ତ ଟେପ୍‌ରେ ଥିବା ବାର୍ତ୍ତାଳାପର ସତ୍ୟତା ପ୍ରତିପାଦିତ କରିବାକୁ କହିଥିଲେ। ଏହାସହ ଗୃହରେ କୌଣସି ଟେପ୍ ନ ବଜାଇବାକୁ ତାଙ୍କୁ ତାଗିଦ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ସେମାନେ ଏତେ ଭୟଭୀତ। ମୁଁ କୌଣସି ଟେପ୍ ବଜାଇବି ନାହିଁ। ଯଦି ତାହା ସମସ୍ତଙ୍କୁ ଆମୋଦିତ କରିବ ତେବେ ସେ ବାର୍ତ୍ତାଳାପକୁ ପଢ଼ି ଶୁଣାଇବେ। ଉଭୟ ପକ୍ଷ ମଧ୍ୟରେ ବାକ୍‌ଯୁଦ୍ଧ ଲୋକ ସଭାକୁ ସରଗରମ କରିଥିବାବେଳେ ବାଚସ୍ପତି ଗୃହକୁ ସ୍ଥଗିତ ଘୋଷଣା କରିଥିଲେ।

## ଖୋଳାନଦୀରେ ...

ଥିବାରୁ ଡଙ୍ଗାରେ ପାଣି ପଶି ବୁଡି ଯାଇଥିଲା । ଫଳରେ ହସିଣା ଗ୍ରାମର ଅକ୍ଷୟ ସ୍ୱାଇଁଙ୍କ ସ୍ତ୍ରୀ ପ୍ରଭାତି ଭାସି ଯାଇ ମୃତ୍ୟୁବରଣ କରିଥିଲେ । ଏହାଛଡା ସେହି ଗ୍ରାମର ଘୁଙ୍ଗୁର ସାହୁଙ୍କ ଝିଅ , ନରହରି ତରେଇଙ୍କ ପୁଅ ଓ ସ୍ତ୍ରୀ, ଅକ୍ଷୟ ସ୍ୱାଇଁଙ୍କ ପୁଅ, ଭଗବାନ ସ୍ୱାଇଁଙ୍କ ପୁଅ , ମଣ୍ଟୁ ସାହୁଙ୍କ ଝିଅ ନିଖୋଜ ଅଛନ୍ତି । ଅନ୍ୟ ଜଣଙ୍କର ପରିଚୟ ଜଣାପଡିନାହିଁ । ସୂଚନାଯୋଗ୍ୟ ଯେ, ଏହି ଡଙ୍ଗାରେ ୩୨ ଜଣ ବସିବାର କ୍ଷମତା ଥିବା ବେଳେ ସେଥିରେ ୫୫ରୁ ଊର୍ଦ୍ଧ୍ୱ ଯାତ୍ରୀ ବସିଥିଲେ । ଦୁର୍ଘଟଣା ଘଟିଥିବା ଡଙ୍ଗାରେ ଲାଇଫ ଜ୍ୟାକେଟର କୌଣସି ବ୍ୟବସ୍ଥା ନ ଥିବା ଜଣାପଡିଛି ।



ଚିନ୍ତାରେ ନିଖୋଜ ଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜିର ଚନ୍ଦ୍ର ବାଧକାଧିପତି ଶନିଙ୍କ ନକ୍ଷତ୍ରରେ ଦୁଃସ୍ଥାନଗତ ହେତୁ 'ବିଷସ୍ୟ ବିଷ ମୌଷଧି' ଭଳି ମନ୍ଦ ବଦଳରେ ସୁଫଳ ପାଇବେ। କୌଣସି ବନ୍ଧୁଙ୍କ ନିକଟରେ ବହୁତ ଦିନରୁ ରହିଥିବା ଅର୍ଥ ପାଇବେ। ଆଇନ ଅଦାଲତ ଓ ସାଙ୍ଗଠନିକ କ୍ଷେତ୍ରରୁ ସୁନାମ ମିଳିବ। କର୍ମକ୍ଷେତ୍ରରେ ବିରୋଧୀ ପକ୍ଷ ଦୁର୍ବଳ ରହିବେ, ଯଦ୍ୱାରା ଆପଣଙ୍କ କାର୍ଯ୍ୟସାଧନ ପାଇଁ କିଛି ଅସୁବିଧା ରହିବ ନାହିଁ।

**ବୃଷ** - ଆପଣଙ୍କର ଧନାଧିପତି ବୁଧ, ଭାଗ୍ୟାଧିପତିଙ୍କ ପୃଷ୍ଠଦେଶରେ ଦୃଷ୍ଟି ଅନ୍ତରାଳେ ରହିଥିବାରୁ 'ହଁ' ପ୍ରତିଶ୍ରୁତି କେବଳ ପାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ଚେଷ୍ଟା ଅବ୍ୟାହତ ରହିଲେ ମଧ୍ୟ ଆଜି ହିଁ ପାଇଲେ ପାଇଲା ପରି ହେବ। ଅବଶ୍ୟ କର୍ମକ୍ଷେତ୍ରରେ ଭଲ ସମ୍ପର୍କଥିବା ସହକର୍ମୀ କିମ୍ବା ନିଜ ପରିସରର ବନ୍ଧୁଙ୍କ ଦ୍ୱାରା କିଛିଟା ଉପକୃତ ହେବେ।

**ମିଥୁନ** - ରାଶ୍ୟାଧିପ ବୁଧ ପରସ୍ପର ବିରୋଧୀ ଗ୍ରହଙ୍କ ସାନ୍ନିଧ୍ୟରେ ରହି ରୋଗପୀଡ଼ା, ଋଣ ଓ ଶତ୍ରୁତା ଭଳି ପରିସ୍ଥିତିର ସମ୍ମୁଖୀନ କରାଇପାରନ୍ତି। ଏଣେ ଅଚାନକ ବନ୍ଧୁଙ୍କ ସହ ଯାତ୍ରା କରିବା ପାଇଁ ଅନୁରୋଧକୁ ଇଚ୍ଛା ନ ଥିଲେ ମଧ୍ୟ ବରଦାସ୍ତ କରିପାରିବେ ନାହିଁ। ଅବଶ୍ୟ କର୍ମକ୍ଷେତ୍ରରେ ପୂର୍ବର ସ୍ଥିତି ଅକ୍ଷୁଣ୍ଣ ରହିବା ସହ ପାରିବାରିକ କ୍ଷେତ୍ର ସାମାନ୍ୟ କମ୍‌ଜୋର ରହିପାରେ।

**କର୍କଟ** - ସ୍ୱସ୍ଥାନହନ୍ତା ବୃହସ୍ପତି ଓ ମଙ୍ଗଳଙ୍କ ସ୍ୱସ୍ଥାନ ପ୍ରତି ଦୃଷ୍ଟିର ଅଭାବ ସନ୍ତାନ ହେତୁକ ନୈରାଶ୍ୟଭାବ ଅନୁଭବରେ ଆସିପାରେ। ମନକୁ ବୁଝାଇ ଆଗାମୀ କର୍ମପନ୍ଥା ସ୍ଥିର କଲେ କେତେକାଂଶରେ ଉପକୃତ ହେବ। ତଥାପି ଘରେ ବନ୍ଧୁମିଳନ, ଶୁଭଖବର, ଅର୍ଥପ୍ରାପ୍ତିର ସୂଚନାରୁ ଖୁସି ରହିପାରନ୍ତି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ସିଂହ** - କେନ୍ଦ୍ର ଓ କୋଣଭାବରେ ତିନି ତିନି ଗ୍ରହ ଅବସ୍ଥାନ କରି ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବା ପଥ କୁସୁମିତ କରିପାରନ୍ତି। ବିଭିନ୍ନ କାରଣ ପୃଷ୍ଠଭୂମିରେ ଘର କିମ୍ବା ନିଜର ପରିବେଶ ଶାନ୍ତିପ୍ରଦ ହୋଇନପାରେ। ଘରଭଡ଼ା, ଗୃହସୀମା, ଚୁକ୍ତିପତ୍ର, ଆଲୋଚନାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟିର ଆଶଙ୍କା ରହିଛି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କନ୍ୟା** - ତୃତୀୟଭାବସ୍ଥ ଗ୍ରହ ପ୍ରଭାବରୁ ଏକାଧିକ ବନ୍ଧୁ ଆପଣଙ୍କ କାର୍ଯ୍ୟରେ ସହଯୋଗ କରିପାରନ୍ତି। ସୁବିଧା ସୁଯୋଗର ସଦ୍‌ବ୍ୟବହାର ଉପରେ ଆପଣଙ୍କ ସଫଳତା କିମ୍ବା ବିଫଳତା ନିର୍ଭର କରିବ। କିନ୍ତୁ ବ୍ୟବସାୟ କ୍ଷେତ୍ରରେ ଠକାମିର ଶିକାର ହୋଇ ଅନୁଶୋଚନା କରିପାରନ୍ତି।

**ତୁଳା** - ଆଜି ଚନ୍ଦ୍ରଙ୍କ ସମେତ ତିନୋଟି ଗ୍ରହ ପ୍ରଭାବରୁ କଥାରେ ମନ ମୋହିବେ, ପରହେବ ଆପଣାର ଏବଂ ଚେଷ୍ଟା କରୁଥିବା ଦିଗରୁ ଅର୍ଥ ନିଶ୍ଚିତ ପ୍ରାପ୍ତି ହେବ। କିନ୍ତୁ ପଚାରିବା ପୂର୍ବରୁ ଗପିବା ନ ଡାକିଲେ ମଧ୍ୟ ଆସିବା ଓଲଟାଫଳ ଦେଇପାରେ। ଚେଷ୍ଟା କରୁଥିବା କାମଟିକୁ ଶେଷ କରିପାରିବେନି ମାତ୍ର ଶେଷ ପର୍ଯ୍ୟାୟକୁ ନେଇପାରିବେ।

**ବିଛା** - ଆଜିର ଗ୍ରହ ସମ୍ପର୍କ ପ୍ରଭାବରେ ଆପଣ ଭାବିଥିବେ ଗୋଟିଏ କଥା, କହିଲା ବେଳକୁ ଏପଟସେପଟ ହୋଇଯାଇପାରେ। ଯାହାର ପରିଣାମ ସ୍ୱରୂପ ସୁଯୋଗ ହରାଇବେ ଏବଂ ନୈରାଶ୍ୟରେ ଅନୁତାପ କରିବେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇଯିବ ଓ ଲାଭ ମଧ୍ୟ କମିବ ନାହିଁ। ସ୍ୱାର୍ଥସାଧନର ଆଶା ରଖି ବନ୍ଧୁମାନେ ପାଖେଇ ଆସିପାରନ୍ତି।

**ଧନୁ** - ଅସଫଳତା ଓ ଅସୁସ୍ଥ ଚିନ୍ତାଧାରାର ପରିଣାମ କର୍ମହାନି ଓ କଳହର କାରଣ ହେବାର ଆଶଙ୍କା ସୃଷ୍ଟି କରିବ। ଅବଶ୍ୟ କଚେରି ମାମଲା ସପକ୍ଷରେ ଯିବ ଏବଂ ପ୍ରତିଯୋଗିତାରେ ସଫଳତା ପାଇ ଖୁସି ହୋଇପାରନ୍ତି। କାଠ, ପଥର, ଲୁହା, ସିମେଣ୍ଟ ବ୍ୟବସାୟୀମାନଙ୍କ ପାଇଁ ଦିନଟି ବହୁତ ଭଲ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର** - ଏକାଧିକ ଚିନ୍ତାର ଅନୁପ୍ରବେଶ ମାନସିକ ସ୍ଥିତିକୁ ଏପଟ ସେପଟ କରିଦେଇପାରେ। ଚତୁର୍ଥ ସ୍ଥାନ ପ୍ରତି ପାପଗ୍ରହର ଦୃଷ୍ଟି ବନ୍ଧୁସମ୍ପର୍କ, ପରିବାର, କର୍ମକ୍ଷେତ୍ରରେ ଭୁଲ୍ ଧାରଣା ସୃଷ୍ଟି କରାଇବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କତା ଏବଂ ଅନୁକୂଳ ପରିସ୍ଥିତିରେ ସମାଧାନ ପାଇଁ ଚେଷ୍ଟା କରିବେ।

**କୁମ୍ଭ** - ଦୁଇ ପାଖରେ ପାପଗ୍ରହାକ୍ରାନ୍ତ ଆପଣଙ୍କ ରାଶି ଘରୁ ଏବଂ ବାହାରୁ ସମସ୍ୟା ଓ ସମାଲୋଚନାକୁ ଆମନ୍ତ୍ରଣ କରିବ। ସାମାନ୍ୟ ବିଳମ୍ବିତ ସମୟ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବାରୁ ସାମୟିକ ଆଶ୍ୱସ୍ତି ମିଳିପାରେ। ପୂର୍ବରୁ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣେ ବନ୍ଧୁଙ୍କ ସହଯୋଗରୁ ସୁଫଳର ଆଶା କରାଯାଇପାରେ। ଆନୁଷ୍ଠାନିକ କାମ, ସଭାସମିତି, କଳା, ସାହିତ୍ୟ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** - ଆପଣଙ୍କ ରାଶି ପାଇଁ ମଙ୍ଗଳକାରକ ମଙ୍ଗଳଗ୍ରହ, ବନ୍ଧୁମାନଙ୍କ ସହଯୋଗରେ ବିବାଦ ଅବସାନ ଘଟାଇବେ। ଜମିଜମା କାରବାର, ଅଗ୍ନି ତଥା ବିଦ୍ୟୁତ୍ ସମ୍ପର୍କିତ ଯାନ୍ତ୍ରିକ ଉପକରଣ ବ୍ୟବସାୟ, କୃଷି,ପଶୁ ପ୍ରଭୃତିରେ ସଫଳତା ପ୍ରଦାନ କରିବେ। କିନ୍ତୁ କର୍ମକ୍ଷେତ୍ର ଓ ପରିବାର ଭିତରେ ଘଟି ଯାଉଥିବା ଘଟଣାଗୁଡିକ ସକାଶେ ଦୁଶ୍ଚିନ୍ତା ବଢ଼ି ଯାଇପାରେ ।

ଆଜି ପୌଷ କୃଷ୍ଣ ତ୍ରୟୋଦଶୀ ଗୁରୁବାର, ଜାନୁୟାରୀ ୩ ତାରିଖ, ରାଶି, ନକ୍ଷତ୍ର-ଅନୁରାଧା/ବିଛା, ଦିବା ଘ୧୨ ।୦୧ମି. ଗତେ ଜ୍ୟେଷ୍ଠା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦ ।୩୧ମି. ଗତେ ଘ୧୧ ।୫୨ମି. ମଧ୍ୟେ, ଘ୧ ।୧୩ମି. ଗତେ ଘ୨ ।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୭ ।୪୯ମି. ମଧ୍ୟେ ଘ୧୧ ।୫୨ମି. ଗତେ ଘ୧ ।୧୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧ ।୧୨ମି. ଗତେ ଘ୨ ।୩୪ମି. ମଧ୍ୟେ ରାହୁକାଳ।

# ଦୁର୍ଘଟଣାରେ ସିପିଆଇ ନେତା ଗୁରୁତର

ଦିଗପହଣ୍ଡି,୨।୧(ଡି.ଏନ.ଏ.)

ଏକ ବାଇକ ଦୁର୍ଘଟଣାରେ ମଙ୍ଗଳବାର ବିଳମ୍ବିତ ରାତିରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ଅଳକ ନାଥ ମିଶ୍ର (୫୦) ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ନୂଆବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ଦିଗପହଣ୍ଡିସ୍ଥିତ ଘରକୁ ଫେରୁଥିବା ବେଳେ ଥାନା ନିକଟରେ ସେ ବସିଥିବା ବାଇକ ସମ୍ମୁଖକୁ ହଠାତ୍ ଏକ ଗାଈ ଆସିଯିବାରୁ ଦୁର୍ଘଟଣା ଘଟିଥିଲା। ବାଇକ ଚାଳକ ଜଗବନ୍ଧୁ ପଟ୍ଟନାୟକ (୩୮) ସାମାନ୍ୟ ଆହତ ହୋଇଛନ୍ତି। ଅଳକଙ୍କୁ ପ୍ରଥମେ ଦିଗପହଣ୍ଡି ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ମିଥ୍ୟା ପ୍ରଲୋଭନରେ ପଡ଼ି ମହିଳା ସର୍ବସ୍ୱାନ୍ତ

ଦିଗପହଣ୍ଡି,୨।୧(ଡି.ଏନ.ଏ.)

ଦୁର୍ବୃତ୍ତଙ୍କ ମିଥ୍ୟା ପ୍ରଲୋଭନରେ ପଡି ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ପଞ୍ଚାୟତର ଜଣେ ମହିଳା ସର୍ବସ୍ୱାନ୍ତ ହୋଇଛନ୍ତି। ୩ଲକ୍ଷ ଟଙ୍କାର ଘରଭଙ୍ଗା କ୍ଷତିପୂରଣ ପାଇବା ପାଇଁ ମହିଳା ଜଣକ ଘରେ ଥିବା ସୁନା, ଟଙ୍କା ଦୁର୍ବୃତ୍ତଙ୍କୁ ଦେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନ ପ୍ରାୟ ଗୋଟାଏରେ ଏକାକୀ ରହୁଥିବା ମହିଳା ଖୁଦି ବେହେରା (୪୬)ଙ୍କ ନିକଟରେ ଜଣେ ଯୁବକ ପହଞ୍ଚି ମହିଳାଙ୍କ ଘରଭଙ୍ଗା କ୍ଷତିପୂରଣ ବାବଦକୁ ୩ଲକ୍ଷ ଟଙ୍କା ଆସିଥିବା ଜଣାଇଥିଲେ। ଏକ କାଗଜରେ ମହିଳାଙ୍କ ଟିପ ଚିହ୍ନ ନେଇ ଅଗ୍ରୀମ ୨୪ ହଜାର ଟଙ୍କା ଦେଲେ ଘଣ୍ଟାଏ ପରେ ବଡ଼ବାବୁ ପହଞ୍ଚି ୩ଲକ୍ଷ ଟଙ୍କା ଦେବେ



ଠକାମିର ଶିକାର ହୋଇଥିବା ମହିଳା।

ବୋଲି କହିଥିଲେ। ୩ଲକ୍ଷ ଟଙ୍କା ଲୋଭରେ ମହିଳା ଜଣକ ତାଙ୍କ ପାଖରେ ଥିବା ନଗଦ ୮ ହଜାର ଟଙ୍କା ସେହି ଅଜଣା ବ୍ୟକ୍ତିଙ୍କୁ ଦେବା ସହ ବଳକା ୧୬ ହଜାର ଟଙ୍କା ପାଇଁ ଗହଣା ପେଡ଼ିରେ ଥିବା ଦେଢ଼ତୋଳାରୁ ଊର୍ଦ୍ଧ୍ୱ ଓଜନର ସୁନା ଅଳଙ୍କାର ମଧ୍ୟ ଦେଇଥିଲେ। ଯୁବକଟି ବିଶ୍ୱାସ ଜନ୍ମାଇବାକୁ ମହିଳାଙ୍କୁ ଘରୁ କେଉଁଆଡ଼େ ନ ଯିବାକୁ କହିବା ସହ ବଡ଼ବାବୁଙ୍କ ପାଇଁ ଥଣ୍ଡାପାନୀୟ ରଖିବାକୁ ମଧ୍ୟ କହିଥିଲେ। ପରେ ସୁନା ଏବଂ ଟଙ୍କା ଧରି ଚମ୍ପଟ ମାରିଥିଲେ। କିଛି ସମୟ ପରେ ମହିଳା ଜଣକ ଠକାମିର ଶିକାର ହୋଇଥିବା ଜାଣି କାନ୍ଦବୋବାଳି ଛାଡ଼ିବା ପରେ ସାହିଲୋକେ ରୁଣ୍ଡ ହୋଇଥିଲେ। ଯୁବକଟି ଘରେ ପଶିବା ଓ ଫେରିବା ସମୟରେ ହେଲମେଟ ପିନ୍ଧିଥିବା ସହ ସେ ଆଣିଥିବା ବାଇକର କୌଣସି ନମ୍ବର ନଥିବାରୁ ତାଙ୍କର କୌଣସି ଟେର ମିଳିପାରିନାହିଁ।

# ନାବାଳିକାଙ୍କୁ ମଦ୍ୟପାନ କରାଇବା ଉଦ୍ୟମ, ଅଭିଯୁକ୍ତ ଗିରଫ

ଛତ୍ରପୁର,୨।୧(ଡି.ଏନ.ଏ)

ଛତ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୩୧ ତାରିଖରେ ଜୋରଜବରଦସ୍ତ ମଦ୍ୟପାନ କରାଇବା ଉଦ୍ୟମ ଓ ମାରପିଟ୍ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ମିଟୁ ଗୌଡଙ୍କୁ ପୋଲିସ ଗିରଫ କରିଛି। ନାବାଳିକାଙ୍କୁ ମିଟୁ ମଦ୍ୟପାନ କରିବାକୁ ବାଧ କରୁଥିବା ସମ୍ପର୍କରେ ସ୍ଥାନୀୟ ଲୋକେ ଥାନାରେ ଜଣାଇଥିଲେ। ପରେ ନାବାଳିକାଙ୍କ ବାପା ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୨୦/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପୂର୍ବ ଶତ୍ରୁତାରୁ ଢେଲା ମାଡ଼, ଥାନାରେ ଅଭିଯୋଗ

ଗଞ୍ଜାମ,୨।୧(ଡି.ଏନ.ଏ.)

ରମ୍ଭା ଥାନା ଶୁବଳୟା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଚଶଙ୍କୁ ଘରକୁ ଢେଲାମାଡ଼ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ୩୧ ତାରିଖ ରାତିରେ ଘର ଉପରକୁ ଢ଼େଲା, ପଥର ମାଡ଼ ସହ ଦାଣ୍ଡରେ ଥିବା ଏକ ସାଇକେଲ ଭଙ୍ଗାରୁଜା କରିଥିବା ଜଣେ ବ୍ୟକ୍ତି ଏତଲାରେ ଉଲ୍ଲେଖ କରିଛନ୍ତି। ଜୁଲାଇ ମାସରେ ଗ୍ରାମ ଜନ୍ତାଳ ଭୋଜିକୁ ନେଇ ଉଭୟ ପରିବାର ଲୋକଙ୍କ ମଧ୍ୟରେ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଉଭୟ ପରିବାରର ପ୍ରାୟ ୩ ଜଣ ଆହତ ହୋଇଥିଲେ। ସେ ସମୟରେ ପୋଲିସ ଜଣଙ୍କୁ ଗିରଫ କରିଥିଲା। ଉକ୍ତ ଘଟଣାକୁ ନେଇ ପୁଣି ଗଣ୍ଡଗୋଳ ହୋଇଥିବା ପୋଲିସ ଅନୁମାନ କରିଛି। ଉଭୟଙ୍କୁ ଥାନାକୁ ଡକାଯାଇଛି, ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ରମ୍ଭା ଥାନାଧିକାରୀ କୃଷ୍ଣଚନ୍ଦ୍ର ସେଠୀ କହିଛନ୍ତି ।

## ଦୁଇ ଦିନ ପରେ ବି ପୋଲିସ ହାତ ଖାଲି

# ସ୍ପଷ୍ଟ ହୋଇନି ବାହାନ ହତ୍ୟାର କାରଣ

ଆସିକା,୨।୧(ଡି.ଏନ୍.ଏ):

ଆସିକା ଥାନା କୋଟିନଡା ଫାଣ୍ଡି ଅନ୍ତର୍ଗତ ଘଟକୁରୀ ଗ୍ରାମର ବାହାନ ଲେଙ୍କା ହତ୍ୟା ଘଟଣାର ୨ ଦିନ ପରେ ବି ପୋଲିସକୁ କୌଣସି ସୁରାକ ମିଳିନି। ହତ୍ୟାର କାରଣ ଓ ହତ୍ୟାକାରୀ କିଏ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରୁନାହିଁ। ବାହାନଙ୍କର କାହା ସହିତ ଶତ୍ରୁତା ନ ଥିବା ବେଳେ କିଏ ଓ କାହିଁକି ହତ୍ୟା କଲା ତାହା ଚିନ୍ତାର କାରଣ ହୋଇଛି ବୋଲି ତାଙ୍କ ଭାଇ କାଳୁ ଚରଣ ଲେଙ୍କା କହିଛନ୍ତି। ଏଭଳି ପରିସ୍ଥିତିରେ ହତ୍ୟାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ସେପଟେ ଆଉ ୨ ଦିନ ମଧ୍ୟରେ ଘଟଣାର ପର୍ଦ୍ଦାଫାଶ କରିବାରେ ପୋଲିସ ସକ୍ଷମ ହେବ ବୋଲି ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରକାଶ କରଛନ୍ତି। ସୂଚନାଯୋଗ୍ୟ, ସୋମବାର ରାତ୍ର ପ୍ରାୟ ୧୧ଟାରେ ବାହାନ ତାଙ୍କ ଜଣେ ସହଯୋଗୀଙ୍କ ସହ ଆସିକାରୁ କଲେଜଛକସ୍ଥିତ ନିଜ ବାସଭବନକୁ ବାଇକରେ ଫେରୁଥିବା ବେଳେ ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ କରିବା ସହ ଧାରୁଆ ଖଣ୍ଡାରେ ହାଣି ହତ୍ୟା କରିଥିଲେ ।

# ପୃଥକ୍ ଦୁର୍ଘଟଣାରେ ୬ ଆହତ

ବୁଗୁଡ଼ା,୨।୧(ଡି.ଏନ.ଏ.)

ବୁଗୁଡ଼ା ଅଞ୍ଚଳରେ ବୁଧବାର ପୃଥକ୍ ୨ଟି ଦୁର୍ଘଟଣାରେ ୬ ଜଣ ଆହତ ହୋଇଛନ୍ତି। ଖୋଲଖାଲି ଛକରେ ସାଇକେଲକୁ ବାଇକ୍ ଧକ୍କା ଦେବାରୁ ୩ ଆହତ ହୋଇଛନ୍ତି। ସେମାନେ ହେଲେ ସାଇକେଲ ଆରୋହୀ ରଘୁନାଥ ଘଡ଼େଇ ଏବଂ ଧରାକୋଟ ଥାନା ଅନ୍ତର୍ଗତ ହୀରାଖଣ୍ଡି ଗ୍ରାମର ବାଇକ ଆରୋହୀ ଆକୁଳ ଦାଶ ଓ ଭିକାରୀ ନାୟକ। ସେହିପରି ତାରୁଟାଙ୍କି ଠାରେ ବାଇକ ଭାରସାମ୍ୟ ହରାଇବାରୁ ୩ ଆରୋହୀ ଶେରଗଡ଼ ଥାନା ଗୋବିନ୍ଦପୁର ଗ୍ରାମର ବିକ୍ରମ ଖଟୁଆ, ପିଣ୍ଟୁ ଖଟୁଆ ଓ କାହ୍ନୁ ଖଟୁଆ ଆହତ ହୋଇଛନ୍ତି। ସମସ୍ତ ୬ ଆହତ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

# ହାଇୱା ଚକାତଳେ ପଡ଼ି ବାଇକ ଆରୋହୀ ମୃତ, ଡ୍ରାଇଭର ଗିରଫ

ବୁଗୁଡ଼ା,୨।୧(ଡି.ଏନ.ଏ.)

ବୁଗୁଡ଼ା ଥାନା କରଚୁଲି ନିକଟସ୍ଥ ପଥରବଣି ଛକଠାରେ ବୁଧବାର ହାଇୱା ଚକା ତଳେ ପଡ଼ି ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ଥାନା ଚଷାନିମଖଣ୍ଡି ଗ୍ରାମର ଉତ୍ତମ ନାଥ (୨୩)। ବୁଗୁଡ଼ା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ହାଇୱା ଡ୍ରାଇଭରଙ୍କୁ ଗିରଫ କରିଛି । ଗିରଫ ଡ୍ରାଇଭର ହେଲେ ଓଡ଼ଗାଁ ଥାନା ଧବଳେଇ ଗ୍ରାମର ବସନ୍ତ ସାନବଡ଼ । ଏ ନେଇ ବୁଗୁଡ଼ା ଥାନାରେ ନଂ.୧/୧୯ରେ ମାମଲା ରୁଜୁ ହୋଇଛି । ପ୍ରକାଶ ଯେ, ହାଇୱାଟି କରସିଙ୍ଗିରୁ ବୁଗୁଡ଼ାକୁ ଗୋଡ଼ି ନେବାକୁ ଆସୁଥିଲା। ସକାଳ ପ୍ରାୟ ୮ଟାରେ ଉତ୍ତମ ତାଙ୍କ ବାଇକ ନେଇ ଭାବସରରୁ କରସିଙ୍ଗି ଦେଇ ନୟାଗଡ଼ ଯାଉଥିଲେ। ପଥରବଣି ଛକଠାରେ ବାଇକଟି ବିପରୀତ ଦିଗରୁ ଆସୁଥିବା ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ ଆରୋହୀ ଉତ୍ତମ ହାଇୱା ଚକା ତଳେ ପଡ଼ିଥିଲେ। ତାଙ୍କ ଉପରେ ଚକା ମାଡ଼ି ଯିବାରୁ ଘଟଣାସ୍ଥଳରେ ଉତ୍ତମଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ତହସିଲଦାର ସଂଗ୍ରାମ କେଶରୀ ଜେନା, ବୁଗୁଡ଼ା ପୋଲିସ ଏସଆଇ କାର୍ତ୍ତିକ ନାୟକ ଓ ଏଏସଆଇ ବାସୁଦେବ ସାହୁ ପହଞ୍ଚି ହାଇୱା ଓ ବାଇକକୁ ଜବତ କରିଛନ୍ତି। ହାଇୱା ଡ୍ରାଇଭରଙ୍କୁ ଗିରଫ କରାଯାଇଛି।

# କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସୋରଡ଼ା,୨।୧(ଡି.ଏନ୍.ଏ.)

ସୋରଡ଼ା ବ୍ଲକ ଗୋଛା ପଞ୍ଚାୟତ ବାଲାପଂକା ଗ୍ରାମ ନିକଟ ଏକ ପରିତ୍ୟକ୍ତ କୂଅରୁ ବୁଧବାର ସକାଳେ ଦମକଳ ବାହିନୀ ସହଯୋଗରେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ବେଣୁଧର ମଲିକ (୨୬)। ଏ ନେଇ ନଂ.୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଥାନା ଅଧିକାରୀ ପ୍ରଭାତ ସାହୁଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୮ଟାରେ ବେଣୁଧର ଏବଂ ଗ୍ରାମର ଜଣେ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବେଣୁଧର ଘରକୁ ଯିବାକୁ ବାହାରିଥିଲେ। କିନ୍ତୁ ଘରେ ନ ପହଞ୍ଚିବାରୁ ପରିବାର ଲୋକେ ବହୁ ଖୋଜା ଖୋଜି କରି ଗ୍ରାମ ନିକଟ ଏକ ପରିତ୍ୟକ୍ତ କୁଅରେ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଥିଲେ। ଅପରାହ୍ନରେ ପରିବାର ଲୋକେ ମୃତଦେହ ସତ୍କାର କରିଛନ୍ତି। ଉକ୍ତ କୂଅଟି ମାଟିରାସ୍ତାକୁ ଲାଗି ରହିଛି, ରାତିରେ ବେଣୁଧର ସେହି ରାସ୍ତା ଦେଇ ଯିବାବେଳେ କୂଅରେ ପଡ଼ିଯାଇ ମୁଣ୍ଡରେ ଆଘାତ ଲାଗିବାରୁ ସେ ମୃତ୍ୟୁ ବରଣ କରିଥିବା ସାହୁ କହିଛନ୍ତି।

# ବାଣାୟତ ଓଡ଼ିଆ ସମାଜ ରାଜ୍ୟ କର୍ମକର୍ତ୍ତା ନିର୍ବାଚନ

ଭଞ୍ଜନଗର,୨।୧(ଡି.ଏନ.ଏ.)

ଭଞ୍ଜନଗର ନିକଟସ୍ଥ ସୋରିଷମୂଳ ଗ୍ରାମରେ ସୋମବାର ନିଖିଳ ଓଡ଼ିଶା ବାଣାୟତ ଓଡ଼ିଆ ସମାଜର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ରାଜ୍ୟ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ରାଜ୍ୟ ସଭାପତି ବିଭୂତି ଭୂଷଣ ଜେନା ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ । ପୂର୍ବତନ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ କୁଳ ପତାକା ଉତ୍ତୋଳନ କରିଥିଲେ। ଜିଲା ସଭାପତି ଗନ୍ଧର୍ବ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ବିପ୍ରଚରଣ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ଜିଲା ସଭାପତି ସନ୍ତୋଷ କୁମାର ନାୟକ ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଭଗବାନ ପରିଡ଼ା, ପ୍ରଶାନ୍ତ ଦାସ, ପ୍ରଶାନ୍ତ ବିଷୋୟୀ, ମୀନକେତନ ସାହୁ ଉପ ସଭାପତି ନିର୍ବାଚିତ ହୋଇଛନ୍ତି । ଅନିବାର୍ଯ୍ୟ କାରଣବଶତଃ ସମ୍ପାଦକ ପଦବୀ ଲାଗି ନିର୍ବାଚନ ହୋଇନି ବୋଲି ନବ ନିର୍ବାଚିତ ସଭାପତି ନାୟକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ନିର୍ବାଚନରେ ବିଭିନ୍ନ ଜିଲାର ପ୍ରତିନିଧିମାନେ ଭାଗ ନେଇଥିଲେ। ସନ୍ଧ୍ୟାରେ ଘୁମୁସର ତାଲୁକାର ୯୧ତମ ବାର୍ଷିକ ଅଧିବେଶନ ହୋଇଥିଲା। ନବ ନିର୍ବାଚିତ ସଭାପତି ନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ତାଲୁକା ସଭାପତି ପ୍ରମୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଭଗବାନ ପୋଲାଇ ବାର୍ଷିକ ବିବରଣୀ ପାଠ କରିଥିଲେ । କବିରାଜ ପାଳ, ଗୋପାଳ ପ୍ରଧାନ, ରବିନ ପ୍ରଧାନ, ଭାସ୍କର ଗୁରୁ, କୁମୁଦଚନ୍ଦ୍ର ଭୋଳ, ବବୁଲ ନାୟକ, ନାରାୟଣ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୂଳର ସାଙ୍ଗଠନିକ ବୃଦ୍ଧି ଉପରେ ମତ ରଖିଥିଲେ। ଗୋବିନ୍ଦ ବାରିକ, ବଂଶୀଧର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ବିଦ୍ୟୁତ୍ କାଟ୍ ପ୍ରତିବାଦରେ ବିକ୍ଷୋଭ। ସ୍ଥାନ-ସାଉଥ୍‌କୋ କାର୍ଯ୍ୟାଳୟ। ସମୟ-ସକାଳ ସାଢ଼େ ୮ଟା ।
- ସ୍କିଲ୍ ଡେଭଲପ୍‌ମେଣ୍ଟ କର୍ମଶାଳା। ସ୍ଥାନ-ଟାଉନ୍ ହଲ୍। ସମୟ-ପୂର୍ବାହ୍ନ ୧୦ଟା ।

## ଜାତୀୟ ପ୍ରତିଯୋଗିତାରେ ରାଜ୍ ରେଫରି



**ବ୍ରହ୍ମପୁର ଅଫିସ୍,୨୧:** ଅନ୍ତର୍ଜାତୀୟ ବାସ୍କେଟବଲ୍ ରେଫରି ରାଜ୍ ନାରାୟଣ ପାତ୍ରଙ୍କ କ୍ୟାରିୟର୍‌ରେ ପୁଣି ସଫଳତାର ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ରାଜ୍‌ଙ୍କୁ ଦୁଇଟି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ରେଫରି ଦାୟିତ୍ୱ ମିଳିଛି। ଆସନ୍ତା ୫ରୁ ୧୨ତାରିଖ ପର୍ଯ୍ୟନ୍ତ ଗୁଜରାଟର ଭାବ୍‌ନଗରରେ ୬୯ତମ ଜାତୀୟ ବରିଷ୍ଠ ବାସ୍କେଟବଲ୍ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ରେଫରି ହେବାକୁ ରାଜ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିଭଳି ମହାରାଷ୍ଟ୍ରର ପୁନେରେ ଆସନ୍ତା ୧୪ରୁ ୧୯ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ମଧ୍ୟ ରାଜ୍ ରେଫରି ହେବେ। ଏନେଇ ଭାରତୀୟ ବାସ୍କେଟବଲ୍ ସଂଘ ତରଫରୁ ଓଡ଼ିଶା ବାସ୍କେଟବଲ୍ ସଂଘକୁ ଚିଠି କରାଯାଇଛି। ଉଭୟ ପ୍ରତିଯୋଗିତାକୁ ନେଇ ଉତ୍ସାହିତ ଥିବା ରାଜ୍ ପ୍ରକାଶ କରିଛନ୍ତି ।

## ନବବର୍ଷ ସ୍ୱାଗତ ସାହିତ୍ୟ ସଭା

**ବ୍ରହ୍ମପୁର ଅଫିସ୍,୨୧:** ଅଗ୍ରଣୀ ସାଂସ୍କୃତିକ ପ୍ରତିଷ୍ଠାନ ଜାତୀୟ ସଂଗୀତ କଳାକେନ୍ଦ୍ର ପରିଚାଳିତ ସାହିତ୍ୟ ସନ୍ଧ୍ୟା ତରଫରୁ ଇଂଲିଶ ନବବର୍ଷକୁ ସ୍ୱାଗତ ଉପଲକ୍ଷେ ଏକ ସାହିତ୍ୟ ସଭା କଳାକେନ୍ଦ୍ର ପରିସର ଭଞ୍ଜ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ସାରସ୍ୱତ ସାଧକ ପ୍ରଫୁଲ୍ଲ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସୁଧାଞ୍ଜଳୀ ମିଶ୍ରଙ୍କ ସଂଯୋଜନା କ୍ରମେ ବହୁ କବୟିତ୍ରୀ ଏବଂ କବି ଯୋଗଦେଇ ନବବର୍ଷ ସ୍ୱାଗତ କବିତା ଓ ଗଳ୍ପ ପାଠ କରିଥିଲେ। ଏହି ଅବସରରେ ବର୍ଷୀୟାନ୍ କବି ଡ. ଗୋଦାବରୀଶ ଦାସ, ଭଗବାନ ତ୍ରିପାଠୀ, ବୃନ୍ଦାବନ ପରିଡ଼ା ଏବଂ ଯୁବକବି ନିତ୍ୟାନନ୍ଦ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ନାଟ୍ୟକାର ଉମାଚରଣ ମିଶ୍ର, ଅଧ୍ୟାପକ ପ୍ରକାଶ ପାଣିଗ୍ରାହୀ ଓ ପ୍ରଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ କଳାକେନ୍ଦ୍ର ସମ୍ପାଦକ କୃଷ୍ଣପ୍ରସାଦ ସାବତ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କଳାକେନ୍ଦ୍ର ସଭାପତି ଦେବୀ ପ୍ରସାଦ ସାହୁଙ୍କୁ ୭୯ତମ ଜନ୍ମ ଦିବସର ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । କବି ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ସମାରୋହ

# ମାନସିକ ସୀମାବଦ୍ଧତାରୁ ମୁକ୍ତି ପାଇଁ ଆତ୍ମଶକ୍ତି ଜାଗ୍ରତ ଜରୁରୀ

**ବ୍ରହ୍ମପୁର ଅଫିସ,୨୧**

ମନୁଷ୍ୟ ନିଜର ମନ ଓ ଆବେଗ ମଧ୍ୟରେ ଚିନ୍ତାଗ୍ରସ୍ତ ହୋଇ ନିଜ ମଧ୍ୟରେ ଥିବା ଚେତନାର ନିର୍ଜନତାକୁ ହଜାଇ ଦେଉଛି । ଫଳରେ ଚିନ୍ତା ପରିସର ମନୁଷ୍ୟର ଆୟତ୍ତରେ ରହୁ ନାହିଁ । ଏହି ମାନସିକ ସୀମାବଦ୍ଧତାରୁ ମୁକ୍ତି ପାଇଁ ଆତ୍ମଶକ୍ତିକୁ ଜାଗ୍ରତ କରିବାକୁ ହେବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ତଥା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ କଥାକାର ତଥା ଶ୍ରୀଅରବିନ୍ଦ ଦର୍ଶନର ମହାନ ପ୍ରବକ୍ତା ବିଶିଷ୍ଟ ସାରସ୍ୱତ ସାଧକ ପଦ୍ମଶ୍ରୀ ପ୍ରଫେସର ମନୋଜ ଦାସ ଏହା କହିଛନ୍ତି । ବୁଧବାର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ସମାରୋହକୁ ଉଦ୍‌ଘାଟନ କରି ଅରବିନ୍ଦଙ୍କ ପ୍ରଦର୍ଶିତ ଅତିମାନସ ତତ୍ତ୍ୱ ଆତ୍ମଶକ୍ତିକୁ ଜାଗ୍ରତ କରିବା ଓ ମାନସିକ ଚିନ୍ତାର ସୀମାବଦ୍ଧତାରୁ ମୁକ୍ତି ପାଇବାର ଏକମାତ୍ର ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ । ପଙ୍କରୁ ପଦ୍ମ ଫୁଟିବା ଭଳି ମନୁଷ୍ୟ ମାନସିକତାରେ ମଧ୍ୟ ଉତ୍ତମ ଚେତନା ଜନ୍ମ ହେବା ସମ୍ଭବ । ଏଦିଗରେ ପ୍ରତ୍ୟେକ ମନୁଷ୍ୟ ଆଶାବାଦୀ ହେବାକୁ ସେ ପରାମର୍ଶ ଦେଇଥିଲେ । କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ



ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ପ୍ରଫେସର ମନୋଜ ଦାସ ଉଦ୍‌ବୋଧନ ହେଉଛନ୍ତି ।


ଉପସ୍ଥିତ ନିମନ୍ତ୍ରିତ ଅତିଥି, ଛାତ୍ରୀଛାତ୍ର, ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା ।

କରିଥିଲେ । କୁଳସଚିବ ରଞ୍ଜନ ବିଶ୍ୱାଳ ବିଶ୍ୱବିଦ୍ୟାଳୟର ବାର୍ଷିକ ଅଗ୍ରଗତି ସହ ଆଗାମୀ ରୂପରେଖ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନ ପ୍ରଫେସର ମନୋଜ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଦକ୍ଷିଣ ଓଡ଼ିଶା ସଂସ୍କୃତି ସମ୍ମାନ ବିଶିଷ୍ଟ ଲୋକନୃତ୍ୟ ଗୁରୁ ନବଘନ ପରିଡାଙ୍କୁ ପ୍ରଦାନ କରାଯାଇଥିଲା । ୧୪ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପାଇଁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ୨୫ ଛାତ୍ରୀଛାତ୍ରଙ୍କ କୃତିତ୍ୱ ପାଇଁ ପୁରସ୍କୃତ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ଆନ୍ତଃ କଲେଜ ଇଂଲିଶ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀ ଅପର୍ଣ୍ଣା ରଥଙ୍କୁ ଅନନ୍ତ ପଦ୍ମନାଭ ପଟ୍ଟନାୟକ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଆ ପ୍ରବନ୍ଧରେ ପ୍ରଥମ ହୋଇଥିବା ଛାତ୍ର କୁନା ଜେନାଙ୍କୁ ରାଣୀ ଅନଙ୍ଗ ମଞ୍ଜରୀ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀକୃଷ୍ଣ ବେହେରାଙ୍କୁ ଶ୍ରେଷ୍ଠ କର୍ମଚାରୀ ଭାବେ ଉପଢୌକୋନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ପ୍ରଫେସର ଅରୁନ୍ଧତୀ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ସତ୍ୟବ୍ରତ ପାତ୍ର, ଡ. ଶଙ୍କର ମାଝି, ଡ. ମିହିର କୁମାର ତ୍ରିପାଠୀ, ଡ. ଗୌରୀ ଶଙ୍କର ଲାଲ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଏମ୍‌କେସିଜି ମେଡିକାଲ କଲେଜ ଡିନ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀ, ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର, ପୂର୍ବତନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଅସଦାଚରଣ, ଆକ୍ରମଣ ମାମଲା

## ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ

**ବ୍ରହ୍ମପୁର ଅଫିସ୍,୨୧**

ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ ସହ ଆକ୍ରମଣ କରିବା ମାମଲାରେ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଦ୍ୱିତୀୟ ଅତିରିକ୍ତ ଜିଲା ଦୌରା ଜଜ୍ ଦୀପକ କୁମାର ୨ ବର୍ଷ କାରାଦଣ୍ଡାଦେଶ ସହିତ ଦୁଇ ହଜାର ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟ ହେଲେ ଅଧିକା ୨ ମାସ କାରାବାସ ନେଇ ଶୁଣାଣି ହୋଇଛି।

ପ୍ରକାଶଯେ, ୨୦୦୭ରେ ଦିଗପହଣ୍ଡି ଥାନା ଅଞ୍ଚଳର ଅଭିଯୁକ୍ତ କେ.ଲଡୁ ରେଡ୍ଡୀ ଜଣେ ମହିଳାଙ୍କ ଘରେ ଏକୁଟିଆ ଥିବା ସୁଯୋଗ ଦେଖି ତାଙ୍କୁ ଅସଦାଚରଣ କରିବା ସହିତ ଆକ୍ରମଣ କରିଥିଲେ । ଏନେଇ ସମ୍ପୃକ୍ତ ମହିଳା ଥାନାରେ ଏତଲା ଦେବା ପରେ ନଂ.୩୧/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଲଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଅଢେଇ ବର୍ଷ କାରାବାସ ପରେ ସେ ଜାମିନରେ ମୁକୁଳିଥିଲେ । ବୁଧବାର ମାମଲାର ବିଚାର ଚାଲିଥିବା ବେଳେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଦାଲତ ଦୁଇ ବର୍ଷ କାରାଦଣ୍ଡାଦେଶ ପାଇଁ ଚୂଡ଼ାନ୍ତ ରାୟ ପ୍ରକାଶ କରିଥିବା ଜଣାପଡିଛି ।

### ପ୍ରସୂତି ଓ ସ୍ତ୍ରୀ ରୋଗ ସମାଜ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

# ଯେଉଁଠି ଝିଅ ନାହିଁ, ସେଇଠି ଖୁସି ନାହିଁ

**ବ୍ରହ୍ମପୁର ଅଫିସ୍,୨୧**

ଗଞ୍ଜାମ ଜିଲାରେ ଲିଙ୍ଗଗତ ବିଭେଦତା ଉଦ୍‌ବେଗଜନକ ରହିଛି। ପୁଅମାନଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମିବାରେ ଲାଗିଛି। ଏନେଇ ସରକାରୀ ଏବଂ ବେସରକାରୀସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଭ୍ରୂଣ ହତ୍ୟା ବିରୋଧରେ ବୁଧବାର ବ୍ରହ୍ମପୁର ପ୍ରସୂତି ଏବଂ ସ୍ତ୍ରୀ ରୋଗ ସମାଜ(ବିଓଜିଏସ୍) ତରଫରୁ 'ଝିଅ ବଞ୍ଚାଅ, ଝିଅ ପଢ଼ାଅ' ଶୋଭାଯାତ୍ରା ଏବଂ ସଭା ଅନୁଷ୍ଠିତ ହୋଇଥିଲା । ଯେଉଁଠି ଝିଅ ନାହିଁ, ସେଇଠି ଖୁସି ନାହିଁ ବୋଲି ଅତିଥି ଏବଂ ବକ୍ତାମାନେ କହିଥିଲେ ।

ସକାଳ ୭ଟାରେ ବ୍ରହ୍ମପୁର ସହରର ୭ଟି ସ୍ଥାନ ଯଥା ବଡ଼ ମେଡ଼ିକାଲ୍ ସମ୍ମୁଖ, ସିଟି ହସ୍‌ପିଟାଲ୍, ଖ୍ରୀଷ୍ଟିୟାନ୍ ହସ୍‌ପିଟାଲ୍, ଗାନ୍ଧୀନଗର ସ୍ୱେଜ୍ଜମ୍, ଗିରିଜା ଛକ, ରାମଲିଙ୍ଗମ ପୋଖରୀ ଏବଂ ବିଜିପୁର ସନ୍ତୋସୀ ମା' ମନ୍ଦିର ସମ୍ମୁଖରୁ ଶୋଭାଯାତ୍ରା ବାହାରିଥିଲା । ବିଭିନ୍ନ ସାମାଜିକ ସଂଗଠନଗୁଡ଼ିକ ଏହି ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍‌ରେ ଏକାଠି ହୋଇଥିଲେ। ସହର ପରିକ୍ରମା ବେଳେ ଭ୍ରୂଣ ହତ୍ୟା ବିରୋଧରେ ସ୍ଲୋଗାନ୍ ସହ କନ୍ୟା ରତ୍ନ ସୁରକ୍ଷା ପାଇଁ ସ୍ଲୋଗାନ୍ ମାଧ୍ୟମରେ ଆହ୍ୱାନ ଦିଆଯାଇଥିଲା । ପରେ ଷ୍ଟାଡିୟମ୍‌ରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଝିଅ ଏବଂ ପୁଅଙ୍କ ମଧ୍ୟରେ କୌଣସି ପ୍ରକାର ଫରକ୍ ନାହିଁ ବୋଲି ବାର୍ତ୍ତା ଦେଇଥିଲେ। ସମାନତାର ବାର୍ତ୍ତାବାହକ ନୃତ୍ୟ ଏବଂ ନାଟକ ବେଶ୍ ମନଛୁଆଁ ହୋଇପାରିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାନେତ୍ରୀ ଡା. ଭାରତୀ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ଦାସ, ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ଡିନ୍ ତଥା ଅଧ୍ୟକ୍ଷ ଡା. ରାଧା ମାଧବ ତ୍ରିପାଠୀ, ଅଧୀକ୍ଷକ ଡା. ଚରଣ ପଣ୍ଡା, ଡା. ସୁବର୍ଣ୍ଣା ଦେବୀ, ଡା. ରବି କୁମାର ଶତପଥୀ, ଡା. ଏସ୍.ଏନ୍. ପଣ୍ଡା, ଡା. ନାରାୟଣ ମିଶ୍ର, ଡା. କେ.କେ. ପାଣିଗ୍ରାହୀ, ଡା. ମୃଣାଳ ନନ୍ଦ ଏବଂ ଇପ୍‌ସିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆଧୁନିକ ସମାଜରେ ବର୍ତ୍ତମାନ ସୁଦ୍ଧା ଝିଅମାନଙ୍କୁ ନେଇ ମା' ବାପାଙ୍କ ମଧ୍ୟରେ ଭିନ୍ନ ଧରଣର ମାନସିକତା ରହିଛି । ଝିଅଙ୍କୁ ପର ଘରର ସମ୍ପତ୍ତି ବୋଲି କୁହାଯାଉଛି । ସେଥି ପାଇଁ ଝିଅ ମାନଙ୍କୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ କରାଯାଉଛି । ଝିଅ ଜନ୍ମ ହେଲେ ଘରେ ଶୋକର ବାତାବରଣ ଦେଖାଦେଇଥାଏ । ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ ଏଭଳି ମାନସିକତାର ପରିବର୍ତ୍ତନ ହୋଇପାରୁନି । ସେଥି ପାଇଁ ଝିଅମାନଙ୍କ ସଂଖ୍ୟା କମୁଛି। ମାନସିକତା ବଦଳିଲେ ହିଁ ଝିଅଙ୍କ ସଂଖ୍ୟା ବଢ଼ିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶେଷରେ ସଂଘ ସମ୍ପାଦିକା ଡା. ଇନ୍ଦିରା ପାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସହରର ବହୁ ବରିଷ୍ଠ ଡାକ୍ତରଙ୍କ ସମେତ ଇଣ୍ଡିଆନ୍ ମେଡ଼ିକାଲ୍ ଆସୋସିଏଶନ୍, ନର୍ସିଂ କଲେଜ, ହୋମିଓପାଥି ମେଡ଼ିକାଲ୍ କଲେଜ, ଏଏନ୍‌ଏମ୍ ସ୍କୁଲ, ଖ୍ରୀଷ୍ଟିୟାନ୍ ହସ୍‌ପିଟାଲ୍, ରୋଟାରୀ କ୍ଲବ ବ୍ରହ୍ମପୁର, ରୋଟାରୀ କ୍ଲବ ବ୍ରହ୍ମପୁର ଇଷ୍ଟ, ରୋଟାରୀ କ୍ଲବ ବ୍ରହ୍ମପୁର ସେଣ୍ଟ୍ରାଲ୍, ରୋଠାରୀ କ୍ଲବ ବ୍ରହ୍ମପୁର ମିଡ୍‌ଟାଉନ୍, ରୋଟାରୀ କ୍ଲବ ବ୍ରହ୍ମପୁର ସିଲ୍‌କ ସଟି, ମାରୱାଡ଼ି ମହିଳା ସମିତି, କଳିଙ୍ଗ ବୈଶ୍ୟ ମହିଳା ସମିତି, ଶଶି ଭୂଷଣ ରଥ ମହିଳା ମହାବିଦ୍ୟାଳୟ ଏବଂ ସିଟି ହସ୍‌ପିଟାଲ୍ ପକ୍ଷରୁ ସହଯୋଗ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ନର୍ସିଂ ଛାତ୍ରୀ ଏବଂ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ।

# ଗଞ୍ଜାମ ଭାଜପା ପକ୍ଷରୁ କୁଶପୁତ୍ତଳିକା ଦାହ


ଭାଜପା ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଉଛି।

**ବ୍ରହ୍ମପୁର ଅଫିସ,୨୧**

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ବୁଧବାର ବ୍ରହ୍ମପୁର ଗୋସାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ଛକରେ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ଯାଇଥିଲା । ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ବିଭ୍ରାଟ ନିତିଦିନିଆ ହୋଇଛି ଓ ଏହାର ପ୍ରତିକାର ପାଇଁ ରାଜ୍ୟ ସରକାରଙ୍କ ବିଫଳତାର ପ୍ରତିବାଦରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଗତ ନବ କଳେବର ବେଳେ ଘଟିଥିବା ମହାବିଭ୍ରାଟ ଏବଂ ଇତିମଧ୍ୟରେ ଦାରୁ ଦିଅଁଙ୍କୁ ଉପବାସ ରଖାଯାଇ ନୀତି ନିୟମର ଉଲ୍ଲଂଘନ ପ୍ରତିବାଦରେ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ପରିକ୍ରମା କରି ସରକାରୀ ଅବହେଳାର ନିନ୍ଦା କରିଥିଲେ ।

ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଆନ୍ଦୋଳନର ନେତୃତ୍ୱ ନେଇଥିବା ବେଳେ ଉପସଭାପତି ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ଶରତ କୁମାର ସାହୁ, ପ୍ରବୀର ପାତ୍ର, ଅମୂଲ୍ୟ ଚୌଧୁରୀ, ନୀଳକଣ୍ଠ ସାହୁ, ପ୍ରଜ୍ଞାପରମିତା ପାଢ଼ୀ, ନମିତାରାଣୀ ପଣ୍ଡା ଓ ସୁବାସିନୀ ପଟ୍ଟନାୟକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଗୋପୀନାଥ ପଣ୍ଡା, ଧରଣୀଧର ବେହେରା, ରାଜେଶ ସାହୁ, ମଧୁସୂଦନ ସାହୁ, ସୁନୀଲ ପାତ୍ର, ଏସ. ରାଣୀ ଓ ସୁଶିଳା ମଲିକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

### ବଡ ମେଡିକାଲ ଫାଣ୍ଡି ପୋଲିସର ବଦାନ୍ୟତା

# ମାସେ ପରେ ମନିପର୍ସ ଫେରିପାଇଲେ କିଶୋର

**ବ୍ରହ୍ମପୁର ଅଫିସ୍,୨୧**

ରାସ୍ତାରେ ହଜିଯାଇଥିବା ଜଣେ ବ୍ୟକ୍ତିଙ୍କ ମନିପର୍ସକୁ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତି ଖୋଜି ତାହା ହସ୍ତାନ୍ତର କରି ବଡ ମେଡିକାଲ ଫାଣ୍ଡି ପୋଲିସ ବଦାନ୍ୟତା ଦେଖାଇଥିବା ଜଣାପଡିଛି। ଯଦ୍ୱାରା ଜଣେ ବ୍ୟକ୍ତି ଦୀର୍ଘ ଏକ ମାସ ପରେ ନିଜର ହଜିଯାଇଥିବା ମୂଲ୍ୟବାନ କାଗଜାତ ଫେରିପାଇଥିବା ଜଣାପଡିଛି।

ପ୍ରକାଶଯେ, ବୈଦ୍ୟନାଥପୁର ଥାନା ଅଧୀନ ବଡ ମେଡିକାଲ ବ୍ୟାଙ୍କ କଲୋନୀର ବାସିନ୍ଦା କିଶୋର ଚନ୍ଦ୍ର ଷଡଙ୍ଗୀଙ୍କ ମନିପର୍ସ ରାସ୍ତାରେ କେଉଁଠି ପଡିଯାଇଥିଲା। ବଡ ମେଡିକାଲର ଜଣେ ସୁରକ୍ଷା କର୍ମୀ ପ୍ରହରା ଦେବା ସମୟରେ ତାହାକୁ ପାଇ ଫାଣ୍ଡି ଅଧିକାରୀଙ୍କୁ ହେପାଜତରେ ରଖିବାକୁ ଦେଇଥିଲେ। ମନି ପର୍ସ ମଧ୍ୟରେ କିଶୋରଙ୍କ ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ଏଟିଏମ୍, ମୋବାଇଲ ସିମ୍ କାର୍ଡ ଭଳି ବିଭିନ୍ନ ମୂଲ୍ୟବାନ କାଗଜାତ ରହିଥିବାରୁ ଫାଣ୍ଡି ଅଧିକାରୀ ଜନ୍ମେଜୟ ମଲ୍ଲିକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ । ହେଲେ କିଶୋରଙ୍କ ସମସ୍ତ କାଗଜାତ ଏବଂ ମୋବାଇଲ ସିମ୍ କାର୍ଡ ମଧ୍ୟ ହଜିଯାଇଥିବାରୁ ସମ୍ପର୍କ ହୋଇପାରିନଥିଲା ବୁଧବାର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫାଣ୍ଡି ପୋଲିସ ଉଦ୍ୟମରେ କିଶୋରଙ୍କୁ ସମ୍ପର୍କ କରାଯାଇ ତାଙ୍କର ହଜିଯାଇଥିବା ମନିପର୍ସ ଫେରସ୍ତ କରାଯାଇଥିବା ଜଣାପଡିଛି। ନିଜର ମୂଲ୍ୟବାନ କାଗଜାତ ସବୁ ପୁନଶ୍ଚ ଫେରିପାଇବା ପରେ ବଡ ମେଡିକାଲ ଫାଣ୍ଡି ପୋଲିସଙ୍କୁ କିଶୋର କୃତଜ୍ଞତା ଜଣାଇଥିଲେ।

# ବ୍ରହ୍ମପୁର ବନଖଣ୍ଡରେ ପକ୍ଷୀ ଗଣନା ଆଜି

- ୮ରେ କମିଥିଲା, ୧୯କୁ ନଜର
- ଗଣନାରେ ନିୟୋଜିତ ୩୬ ଦଳ
- ପାଗ ଅନୁକୂଳ ଯୋଗୁ ସଂଖ୍ୟା ବୃଦ୍ଧି ଆଶା

**ବ୍ରହ୍ମପୁର ଅଫିସ୍,୨୧**

ବ୍ରହ୍ମପୁର ବନଖଣ୍ଡ ଅଞ୍ଚଳରେ ଗୁରୁବାର ବାର୍ଷିକ ପକ୍ଷୀ ଗଣନା ଅନୁଷ୍ଠିତ ହେବ। ଏହାକୁ ନେଇ ବନ ବିଭାଗ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଧିକାରୀ ଏବଂ କର୍ମଚାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ବନଖଣ୍ଡ ଅଧୀନ ଦିଗପହଣ୍ଡି, ଖଲ୍ଲିକୋଟ, ବ୍ରହ୍ମପୁର ଏବଂ ସାମନ୍ତିଆପଲ୍ଲୀ ରେଞ୍ଜରେ ପକ୍ଷୀ ଗଣନା କରାଯିବ। ଏହି ୪ ରେଞ୍ଜ ପାଇଁ ମୋଟ ୩୮ଗଣନା ଦଳ ଗଠନ କରାଯାଇଛି। ପ୍ରତ୍ୟେକ ଦଳରେ ୩ରୁ ୪ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ଜିପିଏସ୍ ଏବଂ ବାଇନାକୁଲାର୍ ଦିଆଯାଇଛି। ୨୦୧୮ରେ ପକ୍ଷୀଙ୍କ ସଂଖ୍ୟା ପୂର୍ବ ବର୍ଷ ତୁଳନାରେ କମ୍ ରହିଥିଲା । ଏଣୁ ୨୦୧୯ ରେ ଏହି ସଂଖ୍ୟା ବଢ଼ିବ ବୋଲି ବିଭାଗୀୟ ଅଧିକାରୀମାନେ ଆଶା ପ୍ରକାଶ କରିଛନ୍ତି। କାରଣ ଚଳିତ ବର୍ଷ ତାପମାତ୍ର ଅନୁକୂଳ ଯୋଗୁ ବିଦେଶୀ ପକ୍ଷୀଙ୍କ ଆଗମନ ବଢ଼ିଥିବା ଆଶଙ୍କା କରାଯାଉଛି।

ପ୍ରତ୍ୟେକ ବର୍ଷ ଜାନୁୟାରୀ ପ୍ରଥମ ସପ୍ତାହରେ ପକ୍ଷୀ ଗଣନା କରାଯାଇଥାଏ। ବ୍ରହ୍ମପୁର ରେଞ୍ଜ ଏବଂ ଖଲ୍ଲିକୋଟ ରେଞ୍ଜ ପାଇଁ ୧୦ ଜଣ ଲେଖାଏ ଗଣନା ଦଳ ଗଠନ କରାଯାଇଥିବା ବେଳେ ଦିଗପହଣ୍ଡି ରେଞ୍ଜ ପାଇଁ ୧୨ ଏବଂ ସାମନ୍ତିଆପଲ୍ଲୀ ରେଞ୍ଜରେ ୬ ଦଳ ଗଣନାରେ ନିୟୋଜିତ ଅଛନ୍ତି। ଗଣନା ବେଳେ ଉପକୂଳ ଅଞ୍ଚଳରେ ଉଷ୍ମ ଆର୍ଦ୍ରଭୂମିକୁ ଗୁରୁତ୍ୱ ଦିଆଯିବ। କାରଣ ଏଭଳି ଅଞ୍ଚଳରେ ରହିବା ପାଇଁ ବିଦେଶୀ ପକ୍ଷୀମାନେ ଅଧିକ ପସନ୍ଦ କରିଥାନ୍ତି। ଗଞ୍ଜାମ ଜିଲାରେ ଏଭଳି ଅଞ୍ଚଳ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଛି। ଏଣୁ ଚନ୍ଦନ ହଂସ, କାଦମ୍ବ ହଂସ, କଳା ହଂସ ଏବଂ ସାମୁଦ୍ରିକ କୁଆଗୁଡ଼ିକଙ୍କ ଉପସ୍ଥିତି ଦେଖାଦେଇଥାଏ। ଉଷ୍ମ ଆର୍ଦ୍ରଭୂମି ଅଞ୍ଚଳରେ ଜଳବାୟୁ ଉଷ୍ମ ରହିଥାଏ। ଯାହା ବିଦେଶୀ ପକ୍ଷୀଙ୍କୁ ଆକୃଷ୍ଟ କରିଥାଏ।

ଚଳିତ ବର୍ଷ ପକ୍ଷୀ ଗଣନା ପାଇଁ ଜାଗା ଚିହ୍ନଟ କରାଯାଇଛି। ଦିଗପହଣ୍ଡି ରେଞ୍ଜର ଓଡ଼ାସିଙ୍ଗି ସାଗର, ଘୋଡ଼ାହାଡ଼, ତଳସାଗର, ଖଇରବାଙ୍କ, ପଳାସପୁର, ଆମ୍ବଡ଼ା ପୋଖରୀ, କଳିଙ୍ଗଦଳା



ଡ୍ୟାମ୍, ଚକ୍ରବର୍ତ୍ତୀ ସାଗର, ଖଣିଖଳା, ମଦନମୋହାନ ସାଗର ଏବଂ ବଗଳା ପୋଖରୀ। ସେହିଭଳି ଖଲ୍ଲିକୋଟ ରେଞ୍ଜ ଅଧୀନରେ କଲରାବାଡ଼ି, ହୁମା ଲୁଣ ଫାର୍ମ, ଋଷିକୁଲ୍ୟା ମୁହାଣ, ରାଜଘାଇ, ଖଇରଖମା, ପଥୁରୀନାଳ, ଚମ୍ପେଇଘାଇ ଏବଂ କେନ୍ଦୁଆଘା । ବ୍ରହ୍ମପୁର ରେଞ୍ଜର ତାମ୍ପରା ହ୍ରଦ, ରାଉତରାୟ ପୋଖରୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୋଖରୀ, ଗୋବିନ୍ଦପୁର ପୋଖରୀ, ପାତ୍ରପୁର ପୋଖରୀ, ଚୈତନ୍ୟପଡ଼ା ପୋଖରୀ, ସମରଝୋଳ ପୋଖରୀ ଏବଂ ଅନ୍ତେଇ ପୋଖରୀକୁ ଚିହ୍ନଟ କରାଯାଇଛି । ଅନ୍ୟପଟେ ସାମନ୍ତିଆପଲ୍ଲୀ ରେଞ୍ଜ ଅଧୀନ ପଣ୍ଡା ସାଗର, ମୁକୁନ୍ଦପୁର ସାଗର ଏବଂ ବାଘଲଟି ଭଳି ଜାଗା ମଧ୍ୟ ରହିଛି। ଗୁରୁବାର ଗୋଟିଏ ଦିନ ମଧ୍ୟରେ ଗଣନା ଶେଷ ହେବା ପରେ ବିଭାଗକୁ ରିପୋର୍ଟ ପ୍ରଦାନ କରାଯିବ ।

ସୂଚନାଯୋଗ୍ୟ, ୨୦୧୮ରେ ମଧ୍ୟ ପକ୍ଷୀ ଗଣନା କରାଯାଇଥିଲା। ୩୬ ଜାଗାରେ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୬୩ପ୍ରକାର ପ୍ରଜାତିର ୯ହଜାର ୨୦ ପକ୍ଷୀ ଚିହ୍ନଟ ହୋଇଥିଲା । ସେଥିରେ ୮୬୯ କମନ୍‌କୁଟ୍ ନାମକ ଏକ ସ୍ୱତନ୍ତ୍ର ପ୍ରକାରର ଜଳଚର ପକ୍ଷୀ ରହିଥିଲା। ସେହିଭଳି ୭୮୬ ପର୍ପଲ ମୋରନ୍, ୭୩୪ ଲିଟିଲ୍ କର୍ମୋରାଣ୍ଟ, ୬୯୦ ରେଡ କ୍ରେଷ୍ଟେଟ୍ ପୋଚର୍ଡ୍ର ଆଦି ରହିଥିଲା। ଏପରିକି ୧୦ ଗ୍ରୀନ୍ ବି ଇଟର୍ ଜାତୀୟ ବିରଳ ପ୍ରଜାତିର ପକ୍ଷୀ ମଧ୍ୟ ଦେଖିବାକୁ ମିଳିଥିଲା। ବିଶ୍ୱରେ ମାତ୍ର ୫ଶହଟି ଏହି ଜାତୀୟ ପକ୍ଷୀ ରହିଥିବା ବେଳେ କେବଳ ତାମ୍ପରା ହ୍ରଦରେ ୧୦ ପକ୍ଷୀ ଦେଖିବାକୁ ମିଳିଥିଲା । ଅନ୍ୟପଟେ ୨୦୧୭ରେ ୮୨ପ୍ରଜାତିର ୧୩ହଜାର ୫୧, ୨୦୧୬ରେ ୧୩ହଜାର ୯୬୦ ଏବଂ ୨୦୧୫ରେ ୧୩ହଜାର ୮୩୪ ପକ୍ଷୀ ଗଣନା କରାଯାଇଥିଲା।

# କେଏସ୍‌ୟୁବିରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

ଭଞ୍ଜନଗର,୨।୧(ଡି.ଏନ.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ ବୁଧବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସ୍‌ୟୁବି) କଲେଜରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ଡ଼.ସୁବାସ ଚନ୍ଦ୍ର ପ୍ରଧାନ, ଏସ୍.କେ. ମିଶ୍ର, ଡ଼.ଆର.ଏନ.ପାଳ, ଡ଼.ଦାମୋଦର ଷଡ଼ଙ୍ଗୀ, ଡ଼.ବିନୋଦ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ବିଭୂତି ଭୂଷଣ ପାଣିଗ୍ରାହୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡ. ପୀତବାସ ପାଳ, ନୃସିଂହ ଚରଣ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଅଧ୍ୟାପିକା ରାଜଶ୍ରୀ ନାୟକ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ ।


ଅଧ୍ୟାପକ ବିଭୂତି ଭୂଷଣ ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରୁଛନ୍ତି ।

# ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ

ଫୁଲବାଣୀ ଅଫିସ, ୨।୧

ଫୁଲବାଣୀସ୍ଥିତ କରୋନେଶନ ପଡ଼ିଆରେ ବୁଧବାର ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆରମ୍ଭ ହୋଇଛି । ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ଓ ଫୁଲବାଣୀ ବନଖଣ୍ଡର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମେଳାକୁ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେନ୍ଦ୍ର ପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫୁଲବାଣୀ ବନଖଣ୍ଡ ଅଧିକାରୀ ଲକ୍ଷ୍ମୀ ନାରାୟଣ ବେହେରା ପ୍ରାରମ୍ଭିକ ସୂଚନା ଦେଇ କନ୍ଧମାଳ ଜିଲାରେ ବନଔଷଧୀର ବ୍ୟାପକ ବ୍ୟବହାର ହେଉଥିବା ବେଳେ ଉତ୍ପାଦନ ଦିନକୁ ଦିନ କମି ଯାଉଥିବା କହିଥିଲେ। ଏ ସମ୍ପର୍କରେ ଜନ ସଚେତନତା ବୃଦ୍ଧି କରିବା ପାଇଁ ଗତ ଦୁଇ ବର୍ଷ ହେଲା ହର୍ବାଲ ମେଳା ଆୟୋଜନ କରାଯାଉଥିବା ସୂଚନା ଦେଇଥିଲେ। ଜିଲାରେ ଏବେ ପ୍ରାୟ ୩ ଶହ ବୈଦ୍ୟ ରହିଥିବା ବେଳେ କେବଳ ବନ ବିଭାଗ ଔଷଧୀୟ ଚାରାରୋପଣ ଦିଗରେ କାର୍ଯ୍ୟ କରିବା ଦୁର୍ଭାଗ୍ୟ ଜନକ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ମହାପାତ୍ର ବର୍ତ୍ତମାନର ସମୟରେ କିଭଳି ଆମ ରାଜ୍ୟରେ ବିଭିନ୍ନ ଔଷଧୀୟ ବୃକ୍ଷର ସଂରକ୍ଷଣ ଓ ଉତ୍ପାଦନ ବୃଦ୍ଧି କରାଯାଇ ପାରିବ ସେ ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ବାଲିଗୁଡା ଡିଏଫଓ ଭି. ନୀଳାମ୍ବର, ଫୁଲବାଣୀ କେନ୍ଦୁପତ୍ର ବିଭାଗ ଡିଏଫଓ ହେମନ୍ତ କୁମାର ସାହୁ, ଫୁଲବାଣୀ ଏସିଏଫ ଜ୍ୟୋତିଷ ଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ହର୍ବାଲ ମେଳା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ଜିଲାରୁ ଆସିଥିବା ୫୦ଟି ଷ୍ଟଲ ଖୋଲାଯାଇଛି । ମେଳାରେ ସର୍ବସାଧାରଣଙ୍କ ନିମନ୍ତେ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ସହ ବରିଷ୍ଠ ନାଗରିକ ମାନଙ୍କ ପାଇଁ ମଧୁମେହ, ଉଚ୍ଚ ରକ୍ତଚାପ, ଚର୍ମରୋଗ ଆଦି ଉପରେ ଆଲୋଚନା ଚକ୍ର, ବୈଦ୍ୟ ସମ୍ମିଳନୀ, ଆୟୁର୍ବେଦ ଓ ହୋମିଓପାଥିକ ଡାକ୍ତରମାନଙ୍କ ସମ୍ମିଳନୀ ମଧ୍ୟ ଆୟୋଜିତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।


ଅତିଥିମାନେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

# ଛତ୍ରପୁର କଲେଜ ନୂତନ ପରିଚାଳନା କମିଟି ଗଠନ

ଛତ୍ରପୁର,୨।୧(ଡି.ଏନ.ଏ.)

ଛତ୍ରପୁରସ୍ଥିତ ସରକାରୀ ବିଜ୍ଞାନ କଲେଜର ନୂତନ ପରିଚାଳନା କମିଟି ଗଠନ ହୋଇଛି। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଏ ସମ୍ପର୍କିତ ଏକ ଚିଠି ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଡ. ପାର୍ଥ ସାରଥି ମିଶ୍ରଙ୍କ ପକ୍ଷରୁ କଲେଜ କର୍ତ୍ତୃପକ୍ଷ ଓ ନୂତନ କର୍ମକର୍ତ୍ତାଙ୍କ ନିକଟକୁ ଆସିଛି । ଏହି କମିଟିର କାର୍ଯ୍ୟକାଳ ୩ ବର୍ଷ ରହିବ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କମିଟିର ଅଧ୍ୟକ୍ଷ, କଲେଜ ଅଧ୍ୟକ୍ଷ ସମ୍ପାଦକ ତଥା ଆବାହକ ଏବଂ ସଭ୍ୟ ଭାବେ ବ୍ରହ୍ମପୁର ଏମପି ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ. ଜେ. କେ. ବରାଳ, ଆସିଷ୍ଟାଣ୍ଟ ପ୍ରଫେସର (କମର୍ସ) ଡ. ପିଙ୍କିରାଣୀ ଦେଈ ଓ ଆସିଷ୍ଟାଣ୍ଟ ପ୍ରଫେସର (ରାଜନୀତି ବିଜ୍ଞାନ) ବରୁଣ କୁମାର ବେହେରା ରହିଛନ୍ତି।

# ପୌର କର୍ମଚାରୀ ସଂଘ ତରଫରୁ ଶୀତବସ୍ତ୍ର ବଣ୍ଟନ

ବୁଗୁଡ଼ା,୨।୧(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳଙ୍କ ପରାମର୍ଶକ୍ରମେ ବୁଗୁଡ଼ା ପୌର କର୍ମଚାରୀ ସଂଘ ତରଫରୁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୁଧବାର ଗରିବମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ ଯୋଗଦେଇ ଶୀତବସ୍ତ୍ର ବଣ୍ଟନ କରିବା ସହ ସମସ୍ତ କର୍ମଚାରୀ ମଧ୍ୟ ଶତାଧିକ ଗରିବ ହିତାଧିକାରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଜଗଦୀଶ ପଣ୍ଡା, ସମ୍ପାଦକ ଗୋଲକ ବିହାରୀ ପ୍ରଧାନ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଜେନା, ରବୀନ୍ଦ୍ର କୁମାର ପାଢ଼ୀ, ରାମକୃଷ୍ଣ ପଟ୍ଟନାୟକ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ । ରାଜେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ବୁଢ଼ୀ ଠାକୁରାଣୀ ଅଟୋ ସଂଘ ପକ୍ଷରୁ

# ଏଲେମା ମନ୍ଦିର ପରିସରରେ ଚକ୍ଷୁ ଚିକିତ୍ସା ଶିବିର

ଗଞ୍ଜାମ,୨।୧(ଡି.ଏନ.ଏ.)

ଗଞ୍ଜାମସ୍ଥିତ ଏଲେମା ମନ୍ଦିର ପରିସରରେ ମା' ବୁଢ଼ୀ ଠାକୁରାଣୀ ଅଟୋ ମାଲିକ ସଂଘ ପକ୍ଷରୁ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ବୁଧବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଟୋ ସଂଘ ସଭାପତି ଭଗବାନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସଂଘ ସମ୍ପାଦକ ତ୍ରିନାଥ ରେଡ୍ଡୀ, ମୁଖ୍ୟ ପରିଚାଳକ ରମେଶ ଦାସ, ନିରଞ୍ଜନ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ୭୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୩୫ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ୧୧ ଜଣଙ୍କୁ ଅନ୍ୟାନ୍ୟ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଥିଲା। ଏହି ଶିବିରରେ କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତ, ଶିବିର ପରିଚାଳକ ଚିତ୍ରସେନ ଗୌଡ଼, ଏନ. ମୁନା ସହଯୋଗ କରିଥିଲେ। ଚିଫ୍ ଭିଜନ କେୟାର ଟେକ୍ନିସିଆନ ଡ. ଭାଗ୍ୟଲତା ଗୌଡ ଓ ଚକ୍ଷୁ ଟେକ୍ନିସିଆନ ଚିନ୍ମୟୀ ମିଶ୍ର ଚକ୍ଷୁ ପରୀକ୍ଷା କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ରଙ୍କନିଧି ବେହେରା, ପାପା ରାଓ, ସୁଶାନ୍ତ ତରାଇ, ପ୍ରମୋଦ କୁମାର ସାହୁ, ରବି ମହାପାତ୍ର, ହାଡୁ ବେହେରା, ବାବୁଲା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ଭଞ୍ଜନଗର ବିଜୟୀ

**ଆସିକା,୨।୧ (ଡି.ଏନ୍.ଏ.):** କେନ୍ଦୁପଦର ପଞ୍ଚାୟତ ଚାଟୁଳା ଗ୍ରାମରେ ଚାଲିଥିବା ବାବା ପାତାଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ ଆର. ଉଦୟଗିରି ଓ ଭଞ୍ଜନଗର ଟିମ ମଧ୍ୟରେ ହୋଇଥିଲା । ଟସ ଜିଣି ଭଞ୍ଜନଗର ଟିମ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ଆର. ଉଦୟଗିରି ଟିମ ପ୍ରଥମେ ବ୍ୟାଟିଂ କରି ୧୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ଭଞ୍ଜନଗର ଟିମ ୧୪.୪ ଓଭରରେ ୭ ଉଇକେଟ ହରାଇ ୧୬୩ରନ କରି ବିଜୟୀ ହୋଇଛି। ଭଞ୍ଜନଗର ଟିମର ଯିଶୁ ବାଡତ୍ୟା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ।









## ସଂକ୍ଷେପରେ

### ସନ୍ଦେହଘେରରେ ଯୁବକଙ୍କ ମୃତ୍ୟୁ

**ଘସିପୁରା, ୨।୧:** ଘସିପୁରା ଥାନା ଅନ୍ତର୍ଗତ ବରିପାଳ ପଞ୍ଚାୟତ ରଘୁନାଥପୁର ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟଣା ସନ୍ଦେହ ଘେରରେ ରହିଛି। ଏ ନେଇ ପୋଲିସ ତଦନ୍ତ କରିବାକୁ ଦାବି ହୋଇଛି। ରଘୁନାଥପୁର ଗ୍ରାମର ନବୀନ ଟୁଡୁ (୨୫) ଗତ ୧ ନୂତନ ବର୍ଷରେ ନିଜ ସାଙ୍ଗ ସହ ସନ୍ଧ୍ୟାରେ ବୁଲିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ବୁଧବାର ବାଇକ୍ ଦୁର୍ଘଟଣାରେ ନବୀନ ଗୁରୁତର ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ନବୀନଙ୍କ ଏପରି ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ସନ୍ଦେହ କରିଛନ୍ତି। ନୂତନ ବର୍ଷ ଦିନ କେତେ ଜଣ ଯୁବକଙ୍କ ସହ ନବୀନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ବୋଲି ଅଭିଯୋଗ ହୋଇଛି। ଏ ନେଇ ସାଧାରଣରେ ନାନା କଥା ଚର୍ଚ୍ଚା ହେଉଛି।

### ପୋଡ଼ି ହୋଇ ମହିଳା ଗୁରୁତର

**ଘସିପୁରା, ୨।୧:** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପଣସଡ଼ିହା ପଞ୍ଚାୟତ ବଣିଆଯୋଡ଼ି ଗ୍ରାମରେ ବୁଧବାର ନିଆଁ ପୁଇଁ ହେବା ବେଳେ ପୋଡ଼ି ହୋଇ ଜଣେ ମହିଳା ଗୁରୁତର ହୋଇଥିବା ଅଭିଯୋ ହୋଇଛି। ସେ ହେଲେ ବିଧବା ମହିଳା ଚାନ୍ଦୁ ଗଡସାର (୫୫)। ତାଙ୍କୁ ଆନନ୍ଦପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଶୀତରୁ ରକ୍ଷା ପାଇବା ପାଇଁ ଚାନ୍ଦୁ ନିଜ ଘର ସମ୍ମୁଖରେ ନିଆଁ ଲଗାଇ ପୁଇଁ ହେଉଥିଲେ। ଅସାବଧାନତା ହେତୁ ତାଙ୍କ ଶାଢ଼ୀରେ ନିଆଁ ଲାଗି ଯାଇଥିଲା ବୋଲି ଗ୍ରାମର କେତେ ଲୋକ କହିଛନ୍ତି। ତାଙ୍କ ଶରୀରର ୫୫ ଭାଗ ପୋଡ଼ି ଯାଇଥିବା ଜଣାଯାଇଛି।

### ସାଥୀ ଆମ ପିଲାଦିନର

**ଆନନ୍ଦପୁର,୨।୧(ସ୍ୱ.ପ୍ର.):** ଘସିପୁରା ଝାଡେଶ୍ୱର ଉ.ପ୍ରା. ବିଦ୍ୟାଳୟ ୧୯୯୧ ମ୍ୟାଟ୍ରିକ୍ ବ୍ୟାଚର ବନ୍ଧୁଙ୍କ ଦ୍ୱାରା ସାଥୀ ଆମ ପିଲା ଦିନର କାର୍ଯ୍ୟକ୍ରମ ସ୍ଥାନୀୟ ଶୈଳଙ୍ଗ ହୁଡିରେ ଅନୁଷ୍ଠିତ ହୋଇଯାଇଛି। ହିମାଦ୍ରୀ ପଟ୍ଟନାୟକ, ପୂର୍ଣ୍ଣେନ୍ଦୁ ସନ୍ଧିବିଗ୍ରହ, ନାରାୟଣ ସାହୁ, ଅଚ୍ୟୁତ ସାହୁ, ଚଗଲା ସାହୁ, ପ୍ରଶାନ୍ତ ସାହୁ, କମଳିନୀ ସାହୁ, ମାଳତୀ ସାହୁ, ମନୋରମା ପାଢୀ ଯୋଗ ଦେଇଥିଲେ। ଝାଡେଶ୍ୱର ବିଦ୍ୟାଳୟର ଶିକ୍ଷକମାନେ ମଧ ଉପସ୍ଥିତ ରହିଥିଲେ। ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଥିବା ଅନ୍ତେବସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଶୈଳଙ୍ଗ ହୁଡିରେ ସମସ୍ତେ ଏକାଠି ହୋଇ ପିଲାଦିନର ସ୍ମୃତିକୁ ମନେ ପକାଇ ଥିଲେ। ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ରାଇସୁଆଁ, ୨।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ଧର୍ମପରାୟଣ ବ୍ୟକ୍ତି କାଳିଚରଣ ବେହେରାଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ଜଣେ ପରୋପୋକାରୀ ବ୍ୟକ୍ତି ଥିଲେ। ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଥିଲେ। ଶିକ୍ଷାର ଉନ୍ନତି ପାଇଁ ପଦ୍ମପୁର ନିକଟ ପୁଟୁଳିଆ ଗ୍ରାମଠାରେ ଏକ ଇଂରାଜୀ ମାଧମ ବିଦ୍ୟାଳୟର ପ୍ରତିଷ୍ଠା କରିଥିଲେ। ତାଙ୍କର ମୃତ୍ୟୁ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ବିଜେଡି ଏସସି ସେଲର ଜିଲା କମିଟି ଗଠନ

**କେନ୍ଦୁଝର, ୨।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବିଜେଡି ଏସସି ସେଲର ଜିଲା କମିଟି ଘୋଷଣା କରାଯାଇଛି। ରାଜ୍ୟ ଏସସି ସେଲର ସଭାପତି ବିଷ୍ଣୁଚରଣ ଦାସଙ୍କ ଅଧକ୍ଷତାରେ ରାଜ୍ୟକାରିଣୀ ବୈଠକରେ ଏହି ଘୋଷଣା କରାଯାଇଥିବା ଜିଲା ସଭାପତି ଭରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଏସଟିଙ୍କ ପାଇଁ ଗଠିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଢାଞ୍ଚାରେ ଏସସିଙ୍କ ଅର୍ଥନୈତିକ ଓ ସାମାଜିକ ସନ୍ତତି ପାଇଁ ଏସସି ଉନ୍ନୟନ ପରିଷଦ ଗଠନ କରିବାକୁ ଜିଲା ସଭାପତି ପାତ୍ରଙ୍କ ପ୍ରସ୍ତାବକୁ କାର୍ଯ୍ୟକାରିଣୀ ବୈଠକରେ ଗ୍ରହଣ କରାଯାଇଥିବା ଜଣାପଡିଛି। ଉପସଭାପତି ଭାବେ ସୁରେଶ ପାତ୍ର, ରତ୍ନାକର ଜେନା, ବିଦ୍ୟାଧର ରାଉଳ, ଶ୍ରୀକାନ୍ତ ସେଠୀଙ୍କୁ ଚୟନ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ଦୟାନିଧି ପାତ୍ର, ମନୋଜ ପାତ୍ର, ବିଶ୍ୱନାଥ ପାତ୍ର, ବିନୁ ପାତ୍ରଙ୍କ ନାମ ଘୋଷଣା କରାଯାଇଛି। ଏହା ଛଡା ସତ୍ୟବାନ ପାତ୍ରଙ୍କୁ ମିଡିଆ ସେଲ ଦାୟିତ୍ୱ ଦିଆଯାଇଛି। ସୁବାସଚନ୍ଦ୍ର ଜେନାଙ୍କୁ ସଙ୍ଗଠନ ସମ୍ପାଦକ ଭାବରେ ଘୋଷଣା କରାଯାଇଛି।

# କଶିରାପାଟଣାକୁ ଅଣଦେଖା

- ଗାଁକୁ ବିଜୁ ପକ୍କାଘର ମନା
- କାହାରିକୁ ମିଳିନି କାର୍ଯ୍ୟାଦେଶ

**ରାଇସୁଆଁ, ୨।୧(ଡି.ଏନ.ଏ.)**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିରାଶ୍ରୟ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରଶାସନିକ ଅବହେଳାରୁ ଏକ ଗାଁର ଜଣେ ହେଲେ ବି ଗରିବ ଲୋକଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇ ନ ଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପର୍ଜନପୁର ପଞ୍ଚାୟତରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ୨ବର୍ଷ ଭିତରେ ୧୨୭ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳିଛି। ଗରିବ ନିରାଶ୍ରୟଙ୍କୁ ବିଜୁ ପକ୍କାଘର ଦେବା ନେଇ ନିୟମ ରହିଛି। କୌଣସି ଲୋକଙ୍କୁ ବିଜୁ ପକ୍କାଘର ମିଳି ନ ଥିବା ଜଣାଯାଇଛି। ସରକାର ପିଠା ଯୋଜନା ମାଧ୍ୟମରେ ଲୋକଙ୍କୁ ଜନକଲ୍ୟାଣ ଯୋଜନା ବିଷୟରେ ଅବଗତ କରାଉଛନ୍ତି।



ଭଙ୍ଗାଘର ସମ୍ମୁଖରେ ବସିଛନ୍ତି ମାୟାଧର ଦେହୁରି।

ଯୋଗ୍ୟ ହିତାଧିକାରୀଙ୍କୁ ଗୃହ କାର୍ଯ୍ୟାଦେଶ, ରାଶନ କାର୍ଡ ଆବଣ୍ଟନ କରାଯାଉଛି। ପିଠା କାର୍ଯ୍ୟକ୍ରମରେ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ମିଳିଛି ବୋଲି ଅଭିଯୋଗ ହୋଇଛି। ପର୍ଜନପୁର ପଞ୍ଚାୟତ କଶିରାପାଟଣା ଗ୍ରାମ ଏକ ଆଦିବାସୀ ଅଧ୍ୟୁଷିତ ଇଲାକାରେ ରହିଛି। ଗ୍ରାମରେ ଅନେକ ନିରାଶ୍ରୟ ଲୋକ ରହିଛନ୍ତି। ଉକ୍ତ ଗ୍ରାମର କୌଣସି ଗୋଟିଏ ହେଲେ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ମିଳି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସରପଞ୍ଚ ପଦ୍ମାବତୀ ମାଝିଙ୍କୁ ପଚାରିବାରୁ ପଞ୍ଚାୟତକୁ ଗୋଟିଏ ହେଲେ ବିଜୁ ପକ୍କାଘର ମିଳିନି। ବ୍ଲକ କର୍ତ୍ତୃପକ୍ଷ ପଞ୍ଚାୟତକୁ ଅଣଦେଖା କରିଥିବା ସେ କହିଛନ୍ତି। ଦିନ ମଜୁରି କରି ଘର ଚଳାଉଛି। ବହୁବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଯାଇଛି। ଜିଲାପାଳଙ୍କୁ ମଧ ଅଭିଯୋଗ କରିଛି। ଅଦ୍ୟାବଧି ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ଘର ମିଳିଲା ନାହିଁ ବୋଲି ପଞ୍ଚାୟତର ମାୟାଧର ଦେହୁରି କହିଛନ୍ତି। ଭଙ୍ଗା ଦଦରା ଘରେ ରହୁଛି। ଜିଲା ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲାରେ ବିକାଶମୂଳକ କାର୍ଯ୍ୟ ଶୂନ

**କେନ୍ଦୁଝର, ୨।୧(ସ୍ୱ.ପ୍ର.)**

**ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ**

ଖଣିଜ ସମ୍ପଦ ଭରା କେନ୍ଦୁଝର ଜିଲାକୁ ସରକାର ଅବହେଳା କରୁଛନ୍ତି। ଜିଲାରେ ବିକାଶମୂଳକ କାର୍ଯ୍ୟ ହୋଇପାରୁନାହିଁ। ଜିଲା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର କହିଛନ୍ତି। ଉତ୍ସବରେ କଂଗ୍ରେସ ନେତା, କର୍ମୀ, ଖବରଦାତା ତଥା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ କେନ୍ଦୁଝର ଉପଯୁକ୍ତ ସ୍ଥାନ ହୋଇଥିଲେ ହେଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ପାଇଁ ପ୍ରତିଷ୍ଠା ହୋଇପାରୁନାହିଁ। ଉତ୍ତମଗାଲ୍‌ଭା, ଆରସେଲର ମିତଲ ଓ ଷ୍ଟାରଲାଇଟ ଭଳି ଘରୋଇ କମ୍ପାନୀ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଚାହିଁ ଥିଲେ ହେଁ ସରକାରଙ୍କ ଅସହଯୋଗରୁ ଓହରି ଯାଇଛନ୍ତି। କାନପୁର ଜଳସେଚନ ପ୍ରକଳ୍ପ ଅନିଶ୍ଚିତତା ସ୍ଥିତିରେ ରହିଛି। ବିପର୍ଯ୍ୟସ୍ତ ରାଜପଥ ଦୁର୍ଘଟଣାର କାରଣ ହୋଇଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତର, ଟେକ୍‌ନିସିଆନ ପ୍ରମୁଖ କର୍ମଚାରୀ ନାହାନ୍ତି। ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଜିଲାର ଶିକ୍ଷାର ଅବସ୍ଥା ଶୋଚନୀୟ ହୋଇପଡିଛି। ବିଦ୍ୟାଳୟରେ ଶିକ୍ଷକ ଓ ମହାବିଦ୍ୟାଳୟରେ ଅଧ୍ୟାପକ ଅଭାବ ରହିଛି। ପାଠପଢାର ମାନ ହ୍ରାସ ପାଉଛି। ଅଘୋଷିତ ବିଦ୍ୟୁତ୍ କାଟ ସହ ଓ ଅନେକ ଗାଁକୁ ବିଜୁଳି ଆଲୋକର ଛାଇ ପଡ଼ିନି। ଅଭାବୀ ଧାନ ବିକ୍ରି ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ଏପରି ଅଣଦେଖାକୁ ନେଇ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନ କରିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଉତ୍ସବରେ ଜିଲା ସଭାପତି ମୋହନ ପରିଡ଼ା, କାର୍ଯ୍ୟକାରୀ ସଭାପତି ବିପ୍ଳବ ମିଶ୍ର, ଦଳିତ ସେଲର ବିଦ୍ୟାଧର ଦେହୁରି, ପିସିସି ସମ୍ପାଦକ ସଂଗ୍ରାମ ଦାସ ପ୍ରମୁଖ ନେତା ଉପସ୍ଥିତ ଥିଲେ।

### ୧୯୯୩ ବ୍ୟାଚ୍‌ର ବନ୍ଧୁମିଳନ

**ଘସିପୁରା, ୨।୧**

ଆନନ୍ଦପୁର ଉପଖଣ୍ଡର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୯୩ ମାଟ୍ରିକ୍ ବ୍ୟାଚର ପୁରାତନ ଛାତ୍ରସଂଘ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଯାଇଛି। ଦେବ ସାହୁଙ୍କ ସଂଯୋଜନାରେ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ। ନିଜର ପଢ଼ାବେଳର ଅନୁଭୂତି ବାଣ୍ଟିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହରମୋହନ ପତି, ରାମଚନ୍ଦ୍ର ପାତ୍ର (ମାଟିଆ), ସଞ୍ଜୟ ଦଳେଇ, ସତ୍ୟବ୍ରତ ରାମ, କିରଣ ପାଢ଼ୀ, ସିପୁ ଦଳେଇ, ମୁକ୍ତିକାନ୍ତ ପଣ୍ଡା, ସଂଗ୍ରାମ ମଙ୍ଗଳ, ଦୀପ୍ତି ବଳ, ସଞ୍ଜୟ ନାୟକ, ଅଭି ସାହୁ, ପ୍ରଶାନ୍ତ ସାହୁ, ବାବୁ ପାଢ଼ୀ, ପୁପୁନ୍ ହୋତା, ଅଶୋକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ଲାଇବ୍ରେରି ପୁସ୍ତକ ବଣ୍ଟନ

**ଗୋପାଳପୁର,୨।୧**

ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ନୂତନ ବର୍ଷ ପାଇଁ ବୁଧବାର ଅପରାହ୍ନରେ ଲାଇବ୍ରେରୀ ପୁସ୍ତକ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଛି । ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତି କୁମାରୀ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇ ପୁସ୍ତକ ବଣ୍ଟନ କରି ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓମ୍ ବେହେରା ଓ ପ୍ରିୟଙ୍କା ବେହେରାଙ୍କୁ ବିଇଓ



ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରାଯାଉଛି।

ମହାପାତ୍ର ଶୁଭେଚ୍ଛା ଜଣାଇଥିଲେ । ଏଥିରେ ଏବିଇଓ ସୁଖଦେବ ମହନ୍ତ, ଲୋକନାଥ ପାଢ଼ୀ, ରବି ନାରାୟଣ ତ୍ରିପାଠୀ, ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଜାତା ଦେବୀ, ଗୀତାରାଣୀ ପାଣିଗ୍ରାହୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ଥାନାରେ ସମ୍ବର୍ଦ୍ଧନା ସଭା

**ପୁରୁଷୋତ୍ତମପୁର,୨।୧(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ଥାନା ପକ୍ଷରୁ ବୁଧବାର ତାରାତାରିଣୀ ପୀଠରେ ଏସ୍‌ଆଇ ସୁନିଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଆଇସି ଅଜୟ କୁମାର ବାରିକ ଯୋଗଦେଇ ଅବସର ଗ୍ରହଣକରିଥିବା ୨ ହୋମ ଗାର୍ଡ ଅରକ୍ଷିତ ନାୟକ ଓ ହିନଦାସଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଏସ୍‌ଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ପଦ୍ମନାଭ ଗୌଡ଼, ସନାତନ ବେହେରା, ଏସ୍‌ଆଇ ରମେଶ ଚନ୍ଦ୍ର ପ୍ରଧାନ ହୋମ୍‌ଗାର୍ଡ଼ କାମାଡାଣ୍ଟ କୈଳାସଚନ୍ଦ୍ର ଗୌଡ଼, ହେମନ୍ତ ସାହୁ, ତପନ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ଡୁମାଣୀ ଭଲିବଲ ଟୁର୍ନାମେଣ୍ଟ: ଫୁଲବାଣୀକୁ ହରାଇ ବ୍ରହ୍ମପୁର ସେମିରେ



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

**ଭଞ୍ଜନଗର,୨।୧(ଡି.ଏନ.ଏ.)**

ଭଞ୍ଜନଗର ନିକଟସ୍ଥ ନୂଆଗାଁ ଠାରେ ଚାଲିଥିବା ମା ଡୁମାଣୀ ଭଲିବଲ ଟୁର୍ନାମେଣ୍ଟରେ ଗ୍ରୁପ 'ବି'ର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍ ବ୍ରହ୍ମପୁର ହରିଡ଼ାଖଣ୍ଡି ଓ ଫୁଲବାଣୀ ମଧ୍ୟରେ ହୋଇଥିଲା । ଏଥିରେ ବ୍ରହ୍ମପୁର ୨-୦ ସେଟ୍‌ରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ସଙ୍ଗଠକ ପ୍ରମୋଦ ପଟ୍ଟନାୟକ, ଜିତୁ ଦାସ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଅନୁପ ପରିଡ଼ା, ଶିବରାମ ନାଇକ, ନିରାକର ବେହେରା, ପୂର୍ଣ୍ଣଚନ୍ଦ୍ର ନାଇକ, ଦିଲୀପ ନାଇକ ଓ ରାଜେଶ ନାଇକ ମ୍ୟାଚ୍ ପରିଚାଳନା କରିଥିଲେ ।

# ଅଭିନବ ଉପାୟରେ ଗଛକଟା

- ରାସ୍ତା ପାଇଁ ଜଙ୍ଗଲ ପଦା
- କାଠ ମାଫିଆଙ୍କ ପ୍ରାଦୁର୍ଭାବ
- ଗ୍ରହଣ କରାଯାଉନି କାର୍ଯ୍ୟାନୁଷ୍ଠାନ

**କେନ୍ଦୁଝର, ୨।୧(ସ୍ୱ.ପ୍ର.)**

ଘଞ୍ଚ ଜଙ୍ଗଲରେ ଭରିରହିଥିବା ବାଂଶପାଳ ବ୍ଲକ ଅଞ୍ଚଳରେ ରାସ୍ତାଘାଟ, ଜନବସତି ସ୍ଥାପନା ପାଇଁ ବେଆଇନ ଭାବେ ଗଛକଟା ଚାଲିଛି। କାଠ ମାଫିଆଙ୍କ ପ୍ରାଦୁର୍ଭାବ ଯୋଗୁ ଜଙ୍ଗଲ ପଦା ହେବାକୁ ଲାଗିଛି। ବେଆଇନ ଭାବେ ଜଙ୍ଗଲାଞ୍ଚଳରେ ମୋରମ, ମାଟି ଓ ପଥର ତଡ଼ା ଚାଲିଛି। ବିନା ଅନୁମତିରେ ରାସ୍ତା ନିର୍ମାଣ ପାଇଁ ଗଛ କଟାଯାଉଛି। ଅଭିନୟ ଉପାୟ ଅବଲମ୍ବନ କରି ଗଛ କଟାଯାଉଥିଲେ ହେଁ ରୋକାଯାଉ ନାହିଁ। ଧରପଗଡ କରାଯାଉନି।

ବରଗୋଡ଼ାଠାରୁ ଚମ୍ପାଝର ଗ୍ରାମକୁ ନିର୍ମାଣ କରାଯାଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ପାଇଁ ଜଙ୍ଗଲ



ଗଛର ବକଳକୁ ଛଡାଇ ଦିଆଯାଇଛି।

ନଷ୍ଟ କରାଯାଉଛି। ଜଙ୍ଗଲାଞ୍ଚଳରୁ ମୋରମ ଓ ମାଟି ଆଣି ରାସ୍ତା କାମରେ ଲଗାଯାଉଛି। ରାସ୍ତାକାମ ଦେଖିବାକୁ ବିଭାଗୀୟ ଯନ୍ତ୍ରୀମାନେ ଯାଉ ନ ଥିବାରୁ କାମରେ ବହୁ ବିଳମ୍ବ ଘଟୁଛି। କାମର ମାନ ଠିକ୍ ହେଉ ନ ଥିବା ମଧ ଅଭିଯୋଗ ହେଉଛି। ରାସ୍ତା ପାଇଁ ମୂଲ୍ୟବାନ ଶାଳଗଛ ନଷ୍ଟ କରାଯାଇଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ରାସ୍ତା କଡରେ ଥିବା ବଡ଼ ମୂଲ୍ୟବାନ ଶାଳଗଛର ବକଳକୁ କାଟି ଦିଆଯାଇଛି। ମୂଳରୁ ଖାଦ୍ୟ ଗଛର ଉପରପାର୍ଶ୍ୱକୁ ଯାଇପାରିବ ନାହିଁ। ଗଛ ଶୁଖି ମରିଯିବ। ଶୁଖିଗଲା ପରେ ମୃତ ଗଛ ବୋଲି କାଟି ଦିଆଯିବ। ଏଭଳି ଷଡଯନ୍ତ୍ର କରାଯାଉଛି। ଠିକା ସଂସ୍ଥା ଓ ବନ ବିଭାଗର କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ସଲାସୁତ୍ରରେ ଏପରି ଉପାୟ କରାଯାଇଛି।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



ଅମୀୟପ୍ରଭା



ବିରଜା



ଶ୍ରୀକାନ୍ତ



ବିଷ୍ଣୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ଜାନୁୟାରୀ ୩/୨୦୧୯ Berhampur,Thursday January 3/ 2019

### ସଂକ୍ଷେପରେ

## ଶ୍ରେଷ୍ଠ ମୋଟିଭେଟର ଡ଼. ନରେଶ ଚନ୍ଦ୍ର ସାହୁ



ଦାମନଯୋଡ଼ି, ୨।୧(ସ୍ୱ.ପ୍ର.)- ଦାମନଯୋଡ଼ି ସରସ୍ୱତୀ ବିଦ୍ୟା ମନ୍ଦିର ଯୁବ ରେଡ୍‌କ୍ରସ ପରାମର୍ଶଦାତା ଡ଼ଃ ନରେଶ ଚନ୍ଦ୍ର ସାହୁ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ମୋଟିଭେଟର ପୁରସ୍କାର ପାଇଛନ୍ତି। ଗତ ଡିସେମ୍ବର ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱ ବିଦ୍ୟାଳୟ ପରିସରରେ ଚାଲିଥିବା ଅନ୍ତଃରାଜ୍ୟ ଯୁବ ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିରର ଶେଷ ଦିନରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଦିଲ୍ଲୀ ହେଡ୍ କ୍ୱାଟର ମୁଖ୍ୟ ଆର୍‌କେ ଜୈନ ଡ଼ଃ ସାହୁଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ରାଜ୍ୟ ଶାଖାର ଅବୈତନିକ ସମ୍ପାଦିକା ମେଜର ଡ଼ଃ କଳ୍ପନା ଦାସ, କିଟ୍ ବିଶ୍ୱ ବିଦ୍ୟାଳୟ ଡାଇରେକ୍ଟର, କ୍ୱାଲିଟି କଣ୍ଟ୍ରୋଲ ପ୍ରଫେସର ଜୟନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ତାଲିମ ଶିବିରରେ ୬ଟି ରାଜ୍ୟରୁ ୪୨୦ ଜଣ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ।

## ଗାଡ଼ି ଧକ୍କାରେ ଯୁବତୀ ମୃତ

### ଏନ୍‌ଏଚ୍ ଅବରୋଧ କଲେ ଲୋକେ

ଜୟପୁର,୨।୧(ଡି.ଏନ୍.ଏ.): ଜୟପୁର-ବୋରିଗୁମ୍ମା ରାସ୍ତା ୨୬ ନମ୍ବର ଜାତୀୟ ରାଜପଥ ଉମୁରି ସ୍ଥିତ ଭାରତୀୟ ଖାଦ୍ୟ ନିଗମ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଉମୁରି ଗ୍ରାମର ପ୍ରତିମା ହରିଜନ (୩୦)। ସେ ସ୍ୱାମୀ ପରିତ୍ୟକ୍ତା ଥିବାବେଳେ ତାଙ୍କର ମାନସିକ ଅସୁସ୍ଥତା ରହିଥିବା ଜଣାପଡ଼ିଛି। ତେଣୁ ସେ ଗାଁ ଆଖପାଖରେ ବୁଲାବୁଲି କରୁଥିଲେ। ବୁଧବାର ସନ୍ଧ୍ୟାରେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କାଦେଇ ସେଠାରୁ ପଳାଇ ଯାଇଥିଲା। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବି ନେଇ ଜାତୀୟ ରାଜପଥ ଅବରୋଧ କରିଥିଲେ।

## ନାଲ୍‌କୋ କମ୍ୟୁନିଟି କେନ୍ଦ୍ରରେ ସ୍ୱାଗତମ୍-୨୦୧୯



ଦାମନଯୋଡ଼ି,୨।୧(ସ୍ୱ.ପ୍ର.)-ନାଲ୍‌କୋ କମ୍ୟୁନିଟି ସେଣ୍ଟର 'ସ୍ୱାଗତମ୍-୨୦୧୯' ପାଳିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ, ସମ୍ମାନିତ ଅତିଥି ମହାପ୍ରବନ୍ଧକ ରାଜୀବ ମିଶ୍ର, ଅରୁଣ ଦାସ, ରାମଚନ୍ଦ୍ର ତ୍ରିପାଠୀ, ରମେଶ ଚନ୍ଦ୍ର ଯୋଶୀ, ଡିଜିଏମ୍ ଆର୍‌ଏନ୍ ଉପାଧ୍ୟାୟଙ୍କ ସହିତ ଏଜିଏମ୍ ସୂର୍ଯ୍ୟ ନାୟକ ଉପସ୍ଥିତ ଥିଲେ। କଟକର ସୁର ମିଳନ ଅର୍କେଷ୍ଟ୍ରା ଗ୍ରୁପ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲା। ସେହିପରି ଦ୍ୱିତୀୟ ଦିନରେ ଜୟପୁରର ସପ୍ତସ୍ୱର ସୁର ଝଙ୍କାର ଦଳ ସମବେତ ସଙ୍ଗୀତ ପରିବେଷଣ କରିଥିଲେ। କମ୍ୟୁନିଟି ସେଣ୍ଟର ପରିସରରେ ବାଣିଜ୍ୟ ମେଳା ଆୟୋଜିତ ହୋଇଥିଲା। ସଭାପତି ଦାମୋଦର ସାହୁ, ସମ୍ପାଦକ ମନୋଜ ପୃଷ୍ଟି, ଶୁକଦେବ ପଟ୍ଟନାୟକ, ରଞ୍ଜିତ ନାୟକ, ବିଶ୍ୱଜିତ ମିଶ୍ର, ସଞ୍ଜୀବ ସାହୁ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ପ୍ରଶାନ୍ତ ସେଠୀ, ଅକ୍ଷୟ ଜେନା, ନିରଞ୍ଜନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀଧର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ତୁଷାରପାତରେ ୮୦ ଏକର ଫସଲ ନଷ୍ଟ

■ ଝାଉଁଳି ପଡ଼ୁଛି ଗଛ
■ ଉଦ୍ୟାନ କୃଷି ବିଭାଗ ଶୁଣୁନି
■ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ

ସେମିଳିଗୁଡ଼ା,୨।୧(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ୍ ଅଲିଗାଁ ଗ୍ରାମରେ ବରଫ ଆସ୍ତରଣ ପଡ଼ି ଫୁଲ ଧରିଥିବା ରବି ଫସଲ ନଷ୍ଟ ହୋଇଛି। ପ୍ରାୟ ୮୦ ଏକରରେ ହୋଇଥିବା ବାଇଗଣ, ଆଳୁ, ଟମାଟୋ, ବିନ୍ସ ଗଛପତ୍ର ଏବଂ ଫୁଲରେ ବରଫ ଆସ୍ତରଣ ପଡ଼ି ଝାଉଁଳା ପରି ରୋଗ ହୋଇଛି। ଏନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଖରା ପଡ଼ିଲେ ଗଛଗୁଡ଼ିକ ଝାଉଁଳିବା ସହିତ ଅନେକ ମରି ଯାଉଥିବା ଦେଖିବାକୁ ମିଳୁଛି। ଫୁଲଗୁଡ଼ିକ ଖସି ପଡ଼ିବା ଦ୍ୱାରା ଫଳ ଶୂନ୍ୟ ହୋଇଯାଉଛି। ସେମିଳିଗୁଡ଼ା ବ୍ଲକ୍‌ର ଶୁଣ୍ଠିପୁଟ, ନୂଆପୁଟ,ଦଲେଇଗୁଡ଼ା, ପିଟାଗୁଡ଼ା,ଦୁଧାରୀ ପ୍ରଭୃତି ଗ୍ରାମରେ ରବି ଫସଲ ଅବସ୍ଥା ଏପରି ହୋଇଛି। ବିଭିନ୍ନ ବାତ୍ୟାରେ ଖରିଫ ଫସଲ ନଷ୍ଟ ହୋଇଥିବାବେଳେ ଏବେ ପ୍ରବଳ ଜାଡ଼ ଯୋଗୁ ବରଫ ଆସ୍ତରଣ ପଡ଼ି ରବି ଫସଲ ନଷ୍ଟ ହେବାରୁ ଚାଷୀଙ୍କୁ ଶକ୍ତ ଆଘାତ ଲାଗିଛି। ସ୍ଥାନୀୟ ଉଦ୍ୟାନ କୃଷି ବିଭାଗରେ ଅଭିଯୋଗ ହୋଇଥିଲେ ମଧ୍ୟ ସେଠାରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଚାଷୀମାନେ କହିଛନ୍ତି। ବିଡିଓ ଘଟଣାସ୍ଥଳ ପରିଦର୍ଶନ କରି ଆସିବା ପରେ ପଦକ୍ଷେପ ପାଇଁ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଛି। ଚନ୍ଦନ ପାଢ଼ୀ, କୁନାରାମ ପାଢ଼ୀ, ମୁଦୁଲି କରଣ, ଖଗା ମୁଦୁଲି, ଜୟପ୍ରିୟ ଦୋସ୍ତ, ପ୍ରତାପ ଅନ୍ତାବାସି, ରାମ ଅନ୍ତାବାସି, ଡ଼ମ୍ବରୁ ମୁଦୁଲି, ଧନା ଦିସାରି, ମଦନ ପାଢ଼ୀ, ଭଗତରାମ କିରସାନି, ବି. କିରସାନି, ନରସିଂହ କିରସାନି, ଢ଼ାଲ କିରସାନି, ରାମ ଜାନି, ତ୍ରିନାଥ ମୁଦୁଲି ପ୍ରମୁଖଙ୍କ ଚାଷ ନଷ୍ଟ ହୋଇଛି। ଚାଷୀଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ସଂଘ ସଭାପତି ଲକ୍ଷ୍ମଣ ପାଢ଼ୀ ଦାବି କରିଛନ୍ତି। କ୍ଷତିପୂରଣ ନ ମିଳିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।



ନଷ୍ଟ ହୋଇଥିବା ରବି ଫସଲ ଖେତ।

## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ବୈପାରୀଗୁଡ଼ା, ୨।୧(ଡି.ଏନ୍.ଏ)

ବୈପାରୀଗୁଡ଼ା ଥାନା ରାମଗିରି ଫାଣ୍ଡି ଅଧୀନ କଲୋନିଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ କେଶବ ରାମପୁରିଆ (୩୦)। ମଙ୍ଗଳବାର ରାତିରେ କୋରାପୁଟ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରାମଗିରି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଗତ ମାସ ୬ ତାରିଖରେ ମଦ ପିଇବାକୁ କେନ୍ଦ୍ରକରି ମାଝିଗୁଡ଼ା ଓ କଲୋନିଗୁଡ଼ାର କେତେକ ଲୋକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ କେଶବଙ୍କ ସହିତ ଅନ୍ୟ କେତେଜଣ ଆହତ ହୋଇଥିଲେ। ଥାନାରେ ମଧ୍ୟ ମାମଲା ରୁଜୁ ହୋଇଥିଲା। ଅନ୍ୟମାନେ ସୁସ୍ଥ ହୋଇଯାଇଥିବାବେଳେ କେଶବଙ୍କ ଅବସ୍ଥାରେ ସୁଧାର ଆସି ନଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ସୁବ୍ରତ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

■ ଓମ୍‌ସାର ପକ୍ଷରୁ ରକ୍ତଦାନ ଶିବିର

## ସଂଗ୍ରହ ହେଲା ୮୦ ୟୁନିଟ୍ ରକ୍ତ




ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

କୋରାପୁଟ,୨।୧(ସ୍ୱ.ପ୍ର.)

କୋରାପୁଟ ଓମ୍‌ସାର ଜିଲା ଶାଖା ପକ୍ଷରୁ ବୁଧବାର ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଥମଥର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଓମ୍‌ସାର ଜିଲା ଶାଖା ସଂପାଦକ ଡାକ୍ତର ମୁକ୍ତିକାନ୍ତ ଖଟୁଆଙ୍କ ଜନ୍ମ ଦିବସରେ ଏପରି ଏକ ଶିବିର ଆୟୋଜନ କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଏହାର ଶୁଭାରମ୍ଭ କରିବା ସହ ରକ୍ତର ଆବଶ୍ୟକତା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଓମ୍‌ସାର ଜିଲା ଶାଖା ସଂପାଦକ ମୁକ୍ତିକାନ୍ତ ଖଟୁଆ ନିଜେ ପ୍ରଥମେ ରକ୍ତଦାନ କରି ଅନ୍ୟମାନଙ୍କୁ ରକ୍ତ ଦେବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସିଡିଏମ୍‌ଓ ଡାକ୍ତର ଲଳିତ ମୋହନ ରଥ, ଏସ୍‌ଓଜି କମାଣ୍ଡାଣ୍ଟ ଆଶିଷ କୁମାର, ଡାକ୍ତର ରତିକାନ୍ତ ଖଟୁଆ ଉପସ୍ଥିତ ଥିଲେ। ଶିବିରରୁ ୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କୋରାପୁଟ ବ୍ଲଡ୍‌ବ୍ୟାଙ୍କ କର୍ମଚାରୀ ଏଥିରେ ସହାୟତା ଦେଇଥିଲେ।

# ଟ୍ରାକ୍ଟର ଚଢ଼ିଗଲା, ଯୁବକ ମୃତ

■ ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ସନ୍ଦେହ
■ କ୍ଷତିପୂରଣ ଦାବିରେ ଉଠିଲାନି ମୃତଦେହ

ଜୟପୁର,୨।୧(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସଦର ଥାନା ଅନ୍ତର୍ଗତ ବାୟାଗୁଡ଼ା ଗ୍ରାମରେ ଟ୍ରାକ୍ଟର ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଅନ୍ତା ଗ୍ରାମର ଲଛମନ କୁଳଦିପ (୩୦)। ଘରେ ତାଙ୍କର ଛୋଟ ୨ ଝିଅ ଓ ୨ ପୁଅ ଅଛନ୍ତି। ଗ୍ରାମବାସୀ ଓ ପରିବାର ଲୋକେ କ୍ଷତିପୂରଣ ଦାବି ନେଇ ମୃତଦେହ ଉଠାଇବାକୁ ଦେଇ ନଥିଲେ। ଏନେଇ ଚାପା ଉତ୍ତେଜନା ଲାଗି ରହିଛି।

ସୂଚନା ଅନୁଯାୟୀ, ବୁଧବାର ବାୟାଗୁଡ଼ା ସ୍ଥିତ ଜମିରେ କାମ କରିସାରି ସେ ବିଶ୍ରାମ ନେଉଥିବା ବେଳେ ଗୋଟିଏ ଟ୍ରାକ୍ଟର ଦ୍ରୁତଗତିରେ ଆସି ତାଙ୍କ ଉପରେ ଚଢ଼ିଯାଇଥିଲା। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଏହାକୁ ଦୁର୍ଘଟଣା ବୋଲି କହୁଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ବାୟାଗୁଡ଼ା ରାସ୍ତା ଜାତୀୟ ରାଜପଥ ନୁହେଁ, ଗାଁ ରାସ୍ତା ହୋଇଥିବା ବେଳେ ଟ୍ରାକ୍ଟର ଏତେ ଦ୍ରୁତଗତିରେ ଆସିବାର କାରଣ ତଦନ୍ତସାପେକ୍ଷ। ଲଛମନଙ୍କ ମୁଣ୍ଡ ଉପରେ ହିଁ ଟ୍ରାକ୍ଟର ମାଡ଼ିଯାଇଥିବା ବେଳେ ଦେହରେ କିଛି କ୍ଷତଚିହ୍ନ ନାହିଁ। ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଜିଲା ପୋଲିସ ଏହାକୁ ଦୁର୍ଘଟଣା ଭାବି ଚୁପ୍ ନବସି ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିବାକୁ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ କୈଳାସ ସେଠୀ କହିଛନ୍ତି, ମୃତ ଯୁବକଙ୍କ ନାଁରେ ଅପରାଧିକ ମାମଲା ରହିଛି।

## ପାଉଁଶ ହୋଇଗଲା ୮ ଗଦା ଧାନ

ସେମିଳିଗୁଡ଼ା,୨।୧(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ୍ ପାଖଜଲା ପଞ୍ଚାୟତ ଅଲିଗାଁ ଗ୍ରାମରେ ୮ଟି ଧାନ ଗଦାରେ ନିଆଁଲାଗି ପୋଡ଼ିଯାଇଛି। ସ୍ଥାନୀୟ ସରପଞ୍ଚ ଖବର ପାଇ ସେମିଳିଗୁଡ଼ା ଅଗ୍ନିଶମ ବିଭାଗରେ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ସେମିଳିଗୁଡ଼ା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଆଇ ଘଟଣାର ଅନୁଧ୍ୟାନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ବର୍ଷକର ଫସଲ ପାଉଁଶ ହୋଇଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ୧୦ ଏକର ଧାନ ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କ୍ଷତିପୂରଣ ପାଇଁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବନ୍ଧୁ ଜାନି, ରାମଚନ୍ଦ୍ର ଜାନି, ଧନିଆ ଜାନି, ଜଗବନ୍ଧୁ ସିସା, ଲକ୍ଷ୍ମୀ ଜାନି, ଗୋବୁ ଜୟପୁରିଆ, ଧନୁ ଜାନି, ଘାସିରାମ ଜୟପୁରିଆ ପ୍ରମୁଖ ଚାଷୀଙ୍କ ଧାନ ଫସଲ ପୋଡିଯାଇଛି।

■ କୋରାପୁଟ ଟାଉନ ଥାନା ପୋଲିସକୁ ସଫଳତା

## ଲୁଟ୍, ଚୋରି ମାମଲାରେ ୫ ଗିରଫ

କୋରାପୁଟ,୨।୧(ସ୍ୱ.ପ୍ର.)

କୋରାପୁଟ ଟାଉନ ପୋଲିସକୁ ବଡ଼ ସଫଳତା ମିଳିଛି। ବିଭିନ୍ନ ଲୁଟ୍ ଓ ଚୋରି ମାମଲାରେ ଜଡ଼ିତ ୫ ଜଣଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଗିରଫ କରାଯିବା ସହ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବାବେଳେ ତାଙ୍କୁ ଜୁଭେନାଲ କୋର୍ଟ ପଠାଯାଇଛି।

ସୂଚନା ଅନୁଯାୟୀ, ଉପରୋକ୍ତ ଗ୍ୟାଙ୍ଗ ଲୁଟ୍ ଯୋଜନା କରୁଥିବା ଖବର ପାଇ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲା ଟାଉନ ଥାନା ପୋଲିସ। ସେଠାରୁ ବୁଦୁରା ଗୌଡ଼ (୩୦), ନରେନ୍ଦ୍ର ଗୌଡ଼ (୨୫), ଧନୁର୍ଜୟ ଗୌଡ଼ (୧୯), କାର୍ତ୍ତିକ ଗୌଡ଼ (୨୦) ଏବଂ ନବମ ଶ୍ରେଣୀର ଜଣେ ଛାତ୍ରଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ବହୁ ଚୋରି ସାମଗ୍ରୀ ଜବତ ହୋଇଛି। ସମସ୍ତେ କୋରାପୁଟ ଟାଉନ ପୋଲିସ ଥାନା ଅଧୀନ ଗୌଡ଼ଗୁଡ଼ା ଗ୍ରାମର। ପୂର୍ବରୁ ଏମାନଙ୍କ ନାଁରେ ଟାଉନ ଥାନାରେ ୮୩/୧୮, ୨୬୨/୧୮, ୨୬୯/୧୮ରେ ୩ଟି ମାମଲା ଥିବାବେଳେ ବର୍ତ୍ତମାନ ୧/୧୯, ୨/୧୯ ନମ୍ବରରେ ୨ଟି ମାମଲା ଓ ଧାରା ୪୫୭, ଆଇପିସି ୩୮୦ ଦଫା ରୁଜୁ ହୋଇଛି। ଏମାନେ କୋରାପୁଟ ସହରର ହାଟପଦା, ବସ୍‌ଷ୍ଟାଣ୍ଡ, ପୁଟିକାସାହି, ଇନ୍ଦିରା କଲୋନୀର ବିଭିନ୍ନ ମୋବାଇଲ ଦୋକାନ ସଟର କାଟି ଓ କାଚ୍ଛ ଖୋଲି ଲକ୍ଷାଧିକ ଟଙ୍କାର ମୋବାଇଲ ଓ ଅନ୍ୟ ସାମଗ୍ରୀ ଲୁଟ୍ କରିଛନ୍ତି। ସେହିପରି ବୁଧବାର ଭବାନିପାଟଣାରୁ କୋରାପୁଟ ଆସୁଥିବା ଜଣେ ମାଛ ବ୍ୟବସାୟୀଙ୍କଠାରୁ ୮୦ ହଜାର ଟଙ୍କା ଲୁଟ୍ ଘଟଣାରେ କୋରାପୁଟ ଟାଉନ ପୋଲିସ ବୁଦୁ ଖିଲ (୨୬)ଙ୍କୁ ଗିରଫ କରିଛି। କେସ୍ ନଂ ୩/୧୯ରେ ଏକ ମାମଲା ରୁଜୁକରି ଧାରା ୩୯୨ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ କହିଛନ୍ତି।

# ରାଜସ୍ୱ ଅମଲା ସଂଘ ନୂତନ କର୍ମକର୍ତ୍ତା

କୋରାପୁଟ,୨।୧(ସ୍ୱ.ପ୍ର.)

ରାଜସ୍ୱ କର୍ମଚାରୀ ସଂଘ ଜିଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଜିଲା ଶାଖା ସଭାପତି ଭାବେ ମନୋଜ ବାରିକ, ଉପସଭାପତି ଅମିତ ସୁବୁଦ୍ଧି, ସଂପାଦକ ନିତ୍ୟାନନ୍ଦ ଭତ୍ରା, ଯୁଗ୍ମ ସଂପାଦକ ଯୋଗେଶ୍ୱର ବେହେରା, କୋଷାଧ୍ୟକ୍ଷ ଜିତେନ୍ଦ୍ର ହନ୍ତାଳ ନିର୍ବାଚିତ ହୋଇଛନ୍ତି। ବୁଧବାର ସ୍ଥାନୀୟ ଅମଲା କୁଟିରରେ ଆୟୋଜିତ ଶପଥଗ୍ରହଣ ଉତ୍ସବରେ ପ୍ରଶାସିକା ତୁଳିଆମ ପ୍ରଧାନ ଉପସ୍ଥିତ ରହି ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ସାଧାରଣ ପ୍ରଶାସନ ବିଭାଗ ଆଦେଶନାମା ସଂଖ୍ୟା ୩୭୩୩୫ ତା ୨୯-୧୨-୨୦୧୮ ପ୍ରକାରେ ଜିଲାସ୍ତରୀୟ ରାଜସ୍ୱ ଅମଲାଙ୍କ କ୍ୟାଡର ପୁନର୍ବିନ୍ୟାସ ସହ ପଦବୀର ନାମ ପରିବର୍ତ୍ତନ କରାଯାଇଛି। କନିଷ୍ଠ କିରାଣି ବଦଳରେ କନିଷ୍ଠ ରାଜସ୍ୱ ଆସିଷ୍ଟାଣ୍ଟ, ବରିଷ୍ଠ କିରାଣି ପରିବର୍ତ୍ତେ ବରିଷ୍ଠ ରାଜସ୍ୱ ଆସିଷ୍ଟାଣ୍ଟ କରାଯାଇଛି।

# କୋଟପାଡ଼ କଂଗ୍ରେସର ନୂଆବର୍ଷ ଭେଟ୍‌ଘାଟ୍

ଚାନ୍ଦିଲି(କୋଟପାଡ଼),୨।୧(ଡି.ଏନ୍.ଏ.)

କୋଟପାଡ଼ କଂଗ୍ରେସ ନେତା ଏବଂ କର୍ମୀଙ୍କ ନୂଆବର୍ଷ ଭେଟ୍‌ଘାଟ୍ ଜାତୀୟ ରାଜପଥ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଜୋନ ସଭାପତି ପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୭ଟି ପଞ୍ଚାୟତ ଏବଂ ଏନ୍‌ଏସି ସରପଞ୍ଚ, ସମିତି ସଭ୍ୟ, କାଉନସିଲରଙ୍କ ସହିତ ପ୍ରମୁଖ ନେତା ଏବଂ କର୍ମୀ ଯୋଗଦେଇ ଥିଲେ। ଏଥିରେ ବିଧାୟକ ଚନ୍ଦ୍ରଶେଖର ମାଝି, ଦୁର୍ଗାଶଙ୍କର ସାହୁ, ଉପସଭାପତି ମନୋହର ବିଷୋଇ, ମଣିପ୍ରସାଦ ପଟ୍ଟନାୟକ, ପୂର୍ବତନ ନଗରପାଳ ଏମ୍ ଶଙ୍କର ରାଓ,ଉପାଧ୍ୟକ୍ଷ ବାପୁନ ତ୍ରିପାଠୀ, ବ୍ଲକ୍ ଅଧ୍ୟକ୍ଷ ବୈଦ୍ୟନାଥ ପୂଜାରୀ, ଜିତେନ୍ଦ୍ରନାଥ ମହାପାତ୍ର, ରାଜେନ୍ଦ୍ରପ୍ରସାଦ ନାୟକ, ମହମ୍ମଦ ସଲିମ୍ ପ୍ରମୁଖ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ପିଠା ଯୋଜନାକୁ ସମାଲୋଚନା କରାଯାଇଛି। କର୍ମୀମାନେ ଲୋକଙ୍କ ସହ ରହି କାମ କରିବାକୁ ପରାମର୍ଶ ଦିଆଯାଇଛି।



ଭେଟଘାଟ୍‌ରେ ସାମିଲ ହୋଇଥିବା କଂଗ୍ରେସର ନେତା ଓ କର୍ମୀ।

## ଷ୍ଟ୍ରିଟ ବିଦ୍ୟୁତୀକରଣ ପାଇଁ ତ୍ରିପାକ୍ଷିକ ଚୁକ୍ତି

ଜୟପୁର,୨।୧(ଡି.ଏନ୍.ଏ.): ଜୟପୁର ପୌରାଞ୍ଚଳର ସ୍ୱୀକୃତି ଅନୁଯାୟୀ ନୂତନ ଗୃହ ନିର୍ମାଣ ଓ ପ୍ଲଟିଂ କରାଯାଇ ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଏବଂ ଆଲୋକ ବ୍ୟବସ୍ଥା କରାଯିବ। ଏନେଇ ଏକ ଘରୋଇ କମ୍ପାନୀ ସହ ପୌରସଂସ୍ଥା ଓ ରାଜ୍ୟ ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତିନାମା ହୋଇଛି। ଏହି ଅନୁଯାୟୀ ଉକ୍ତ ସଂସ୍ଥା ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଜୟପୁର ସହରରେ ସର୍ଭେ କରାଯାଇ ବିଦ୍ୟୁତ ଖୁଣ୍ଟ ଓ ଆଲୋକ ବ୍ୟବସ୍ଥା ପାଇଁ ଏକ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହାପରେ ଏକ ବଜେଟ ଅଟକଳ କରାଯିବା ପରେ କାର୍ଯ୍ୟ ଆରମ୍ଭ ହେବ। ବିଦ୍ୟୁତ ଖୁଣ୍ଟ ଓ ଆଲୋକର ରକ୍ଷଣାବେକ୍ଷଣ ଦାୟିତ୍ୱ ସେହି ସଂସ୍ଥା କରିବ। ଗତ ୨୯ ତାରିଖ ଭୁବନେଶ୍ୱରରେ ଏହି ଚୁକ୍ତିନାମା ହୋଇଥିବା ଜୟପୁର ପୌର ନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ କହିଛନ୍ତି।




■ ଗଭୀର ନଳକୂପ ସେଚ କାର୍ଯ୍ୟକ୍ରମ ଫେଲ୍

# ଆବେଦନର ୧୦ ମାସ ହେଲାଣି, ମଞ୍ଜୁର ହେଉନି

ଜୟପୁର,୨।୧(ଡି.ଏନ୍.ଏ.)

ଚାଷଜମି ଓ ବଗିଚାକୁ ଆବଶ୍ୟକ ଜଳ ଯୋଗାଣ ପାଇଁ ସରକାର ଗଭୀର ନଳକୂପ ଖନନ ଯୋଜନାରେ ଯୋଗ୍ୟ ବିବେଚିତ ଚାଷୀଙ୍କୁ ସାମିଲ କରୁଛନ୍ତି। ଏଥିପାଇଁ ୯୦ ପ୍ରତିଶତ ଋଣ ଛାଡ ମଧ୍ୟ କରୁଛନ୍ତି। କିନ୍ତୁ ଏହି ଯୋଜନାର ସୁବିଧା ନେବା ପାଇଁ ଚାଷୀମାନେ ଆବେଦନ କରିବା ପରେ ମଧ୍ୟ ଉପକୃତ ହୋଇପାରୁ ନାହାନ୍ତି।

୨୦୧୭-୧୮ରେ ଜିଲାର ୨୫୦୬ ଜଣ ଚାଷୀ ନିୟମ ଅନୁଯାୟୀ ଗ୍ଲୋବାଲ ଅନଲାଇନ ମାଧ୍ୟମରେ ଉଠା ଜଳସେଚନ ବିଭାଗରେ ଆବେଦନ କରିଥିଲେ। ଏହାର ଅନ୍ତିମ ଦିବସ ୨୦୧୮ ମାର୍ଚ୍ଚ ୩୧ ଥିଲା। ଯୋଜନାର ସୁବିଧା ପାଇବା ଆଶାରେ କୋରାପୁଟ ବ୍ଲକରେ ୧୮୯, ସେମିଳିଗୁଡ଼ା ୮୫, ନନ୍ଦପୁର ୮୬, ପଟ୍ଟାଙ୍ଗି ୧୨୯, ଲକ୍ଷ୍ମୀପୁର ୧୦୧, ଦଶମନ୍ତପୁର ୭୨, ନାରାୟଣପାଟଣା ୨୦୨, ବନ୍ଧୁଗାଁ ୪୩୯, ଜୟପୁର ୪୮, ଲମତାପୁଟ ୨୪୪, ବୈପାରୀଗୁଡ଼ା ୨୨୩, କୁନ୍ଦୁରା ୨୬୪, ବୋରିଗୁମ୍ମା ୪୦୪ ଓ କୋଟପାଡ଼ରୁ ୭୦ ଜଣ ଚାଷୀ ଆବେଦନ କରିଛନ୍ତି। କୋରାପୁଟ ଜିଲା ଜୟପୁର ଉପଖଣ୍ଡରେ ଜୟପୁର, କୋଟପାଡ଼ ଏବଂ କୁନ୍ଦୁରା ଓ ବୋରିଗୁମ୍ମାର କିଛିକାଂଶ ଚାଷଜମିରେ କୋଲାବ ବହୁମୁଖୀ ପ୍ରକଳ୍ପର ଜଳ କେନାଲ ଦ୍ୱାରା ଛଡ଼ାଯାଇଥାଏ। କିନ୍ତୁ କୋରାପୁଟ ଉପଖଣ୍ଡରେ ଅଧିକ ମାତ୍ରାରେ ପନିପରିବା ଚାଷ ହେଉଛି। ଏଥିପାଇଁ ଏଠିକାର ଅନେକ ଚାଷୀ ଆବେଦନ କରୁଥିବା ବେଳେ ବିଭାଗର ଦିଶାହୀନ କାର୍ଯ୍ୟ ଯୋଗୁଁ ଯୋଜନାର ସୁଫଳ ପାଇପାରୁ ନାହାନ୍ତି। ସେହିପରି ଉଠା ଜଳସେଚନ ବିଭାଗ ପରିଚାଳନା ନିର୍ଦ୍ଦେଶକଙ୍କ ବାରମ୍ବାର ବଦଳି ଯୋଗୁଁ ଚୟନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉ କେତେକ ଆବେଦନକାରୀ ଅଭିଯୋଗ କରିଛନ୍ତି। ଏହି ଯୋଜନାରେ ସାଧାରଣ ବର୍ଗର ଚାଷୀ ୨୦ ହଜାର ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଚାଷୀ ୧୦ ହଜାର ଟଙ୍କା ଜମାନତ ରାଶି ଦେଇ ଆବେଦନ କରନ୍ତି। ଏଥିରେ ନଳକୂପ ଖୋଳା, ପାଣି ମଟର ପ୍ରଦାନ ଏବଂ ବିଦ୍ୟୁତ ସଂଯୋଗ ପାଇଁ ହେଉଥିବା ଖର୍ଚ୍ଚର ୯୦ ପ୍ରତିଶତ ଛାଡ ଦିଆଯାଉଥିବା ବେଳେ ଚାଷୀ କେବଳ ୧୦ ପ୍ରତିଶତ ଟଙ୍କା ଦେଇଥାଆନ୍ତି। ଗୋଟିଏ କ୍ଲଷ୍ଟରରେ ୪ଜଣ ଚାଷୀଙ୍କୁ ୪ଟି ନଳକୂପ ଦିଆଯାଇଥାଏ। ଏନେଇ ଦାୟିତ୍ୱରେ ଥିବା ଉଠା ଜଳସେଚନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଗ୍ଲୋବାଲ ଅନଲାଇନରେ ଆବେଦନ କରାଯାଇଛି। ଅତିଶୀଘ୍ର ମଞ୍ଜୁର ହେବା ସହ ଚୟନ କରାଯିବ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ